୧୦ ଅଗଷ୍ଟ ୨୦୨୫ ରବିବାର

ଘାତକ ବ୍ୟାଧି

ଅନେକ ସମୟରେ ଅନେକ ତଥ୍ୟ ଭାରତୀୟଙ୍କ ସ୍ୱାସ୍ଥ୍ୟକୁ ନେଇ ଉପସ୍ଥାପନା କରାଯାଇଥାଏ । କେଉଁଠି ଭାରତରେ ଦେଖିବାକୁ ମିଳୁଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଏହାକୁ ରାଙ୍କ ପ୍ରଦାନ କରାଯାଇଥାଏ ତ କେଉଁଠି କିଭଳି ଏହାକୁ ଭାରତୀୟଙ୍କ ଜୀବନରୁ ଦୂରେଇ ହେବ ସେ ନେଇ ପରାମର୍ଶ ପ୍ରକାଶ ପାଇଥାଏ । ତେବେ ଭାରତୀୟମାନେ ସବୁବେଳେ ସ୍ୱାସ୍ଥ୍ୟକୁ ନେଇ ବେଶ୍ ଯତ୍ନବାନ ଥାଆନ୍ତି । ଅନେକ ବର୍ଷ ପୂର୍ବରୁ ଭାରତର ଅବସ୍ଥା ସ୍ୱାସ୍ଥ୍ୟ କ୍ଷେତ୍ରରେ ଯାହା ଥିଲା ସେଥିରେ ବର୍ତ୍ତମାନ ଉନ୍ନତି ପରିଲକ୍ଷିତ ହେଉଛି । ଧୀରେଧୀରେ ଦେଶରେ ମାତୃ ଓ ଶିଶୁ ମୃତ୍ୟୁ ହାର କମୁଛି । ବିଭିନ୍ନ ପ୍ରକାର ଯୋଜନା ଅଧୀନରେ ବିଭିନ୍ନ ପ୍ରକଳ୍ପ ଲଞ୍ଚ କରାଯାଉଛି, ଯେଉଁଥିରେ ସାଧାରଣ ଲୋକଙ୍କୁ ସଚେତନ କରି ଅନେକ ରୋଗରୁ ଦୂରେଇ ରଖାଯାଉଛି । ଯାହାଫଳରେ ପୋଲିଓ, ମେଲେରିଆ, ଡେଙ୍ଗୁ ଭଳି ରୋଗକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ କେତେକାଂଶରେ ସଫଳ ହୋଇଛି । ଧୀରେ ଧୀରେ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ବଢିବାରେ ଲାଗିଛି, ଯାହା ଏହାକୁ ଆହୁରି ଉନ୍ନତ କରୁଛି । ଲୋକ ଆଉ ଡାକ୍ତରଖାନା ନଯାଇ ପାରି ଗମ୍ଭୀର ରୋଗରେ ମରୁଥିବା କମ ଦେଖିବାକୁ ମିଳୁଛି । ବିଭିନ୍ନ ଦୂରାସାଧ ରୋଗକୁ ଚିକିତ୍ସା କରିବାରେ ଆମ ଡାକ୍ତରମାନେ ସକ୍ଷମ ହୋଇ ପାରିଛନ୍ତି । କିନ୍ତୁ ଏହାରି ଭିତରେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ରହିଛି ଯେଉଁଗୁଡିକ ଆଜି ବି ଘାତକ ହୋଇ ରହିଛି । ଯେଉଁ ରୋଗ ଗୁଡିକରେ ଭାରତର ପ୍ରତିବର୍ଷ ଅନେକ ଲୋକଙ୍କ ଜୀବନ ଯାଉଥିବା ଖବର ଦେଖିବାକୁ ମିଳୁଛି । ତେବେ ଏହି ସବୁ ରୋଗ ସମ୍ପର୍କରେ ଜାଣି ଏହାର ଲକ୍ଷଣ ଚିହ୍ନି ସଠିକ୍ ସମୟରେ ଚିକିତ୍ସା କରାଇ ପାରିଲେ ଏହା ଆରୋଗ୍ ହୋଇପାରୁଛି । ସେହିଭଳି କିଛି ସମସ୍ୟା ଏଭଳି ରହିଛି ଯେଉଁଗୁଡିକ ଆମର ଜୀବନଶୈଳୀ ଉପରେ ମଧ୍ୟ ନିର୍ଭର କରୁଛି । ଆଜିକାଲିର ବ୍ୟସ୍ତ ଆଧୁନିକ ଜୀବନଶୈଳୀ କିଛି ରୋଗର କାରଣ ସାଜୁଛି । ତେବେ ଆସନ୍ତୁ ଜାଣିବା ଭାରତରେ କେଉଁ ୧୦ଟି ରୋଗ ସର୍ବାଧିକ ଘାତକ ।



କଥାରେ ଅଛି ସ୍ୱାସ୍ଥ୍ୟଠାରୁ ଅଧିକ ମୂଲ୍ୟବାନ ସମ୍ପତ୍ତି ନାହିଁ । ଯିଏ ଯେତେ ସୁସ୍ଥ ସିଏ ସେତେ ଧନୀ । ତେବେ ସବୁବେଳେ ସମସ୍ତେ ଚାହାନ୍ତି ସୁସ୍ଥ ରହିବା ପାଇଁ , ହେଲେ ଏଭଳି କିଛି ସ୍ୱାସ୍ଥ୍ୟ ସମସ୍ୟା ରହିଛି ଯେଉଁଥିରେ ଭାରତୀୟମାନେ ଆଗରେ ରହିଥାଆନ୍ତି । ସେହିଭଳି ଭାରତରେ ଅଧିକ ଦେଖିବାକୁ ମିଳୁଥିବା କିଛି ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...



ହୃଦରୋଗ

ଆଜିକାଲି ଭାରତରେ ଅଧିକ ରୁ ଅଧିକ କେସ୍ ହୃଦରୋଗର ସାମନାକୁ ଆସୁଛି । ହୃଦରୋଗର ବିଭିନ୍ନ ପ୍ରକାରର ରୋଗୀ ଦେଖିବାକୁ ମିଳୁଛନ୍ତି, ସେଥିରୁ କିଛି ସାମାନ୍ୟ ଥିବା ବେଳେ କିଛି ଗମ୍ଭୀର ରହୁଛି । ଏହି ତାଲିକା ବେଶ ଲମ୍ବ । ଥିବାବେଳେ

ଏଥିରେ ଇସ୍କେମିକ ହାର୍ଟ ଡିଜିଜ୍ ଆଗରେ ରହିଛି । ଏହା ଏକ ଏପରି ସ୍ୱାସ୍ଥ୍ୟ ସମସ୍ୟା ଯେଉଁଥିରେ ଧମନୀ ଗୁଡିକୁ ଖୁବ ସରୁ ହୋଇଯାଏ, ଯାହାଫଳରେ ହୃତପିଣ୍ଡଙ୍କୁ ରକ୍ତ ସଞ୍ଚାଳନ କମିଥାଏ । ଯାହାଫଳରେ ହୃଦଘାତର ଆଶଙ୍କା ବଢିଥାଏ । ଏହି ସମସ୍ୟା ହେବାର ମୁଖ୍ୟ କାରଣ ଭାବେ ଉଚ୍ଚ ରକ୍ତ ଚାପ, ହାଇ କୋଲଷ୍ଟ୍ରୋଲ, ମଧୁମେହ, ମେଦବହୂଳତା ଆଦି ହୋଇଥାଏ । ଏହି ସବୁ କାରଣ ପାଇଁ ଏହି ସମସ୍ୟା ବଢିଥାଏ । ଏହାର ଲକ୍ଷଣଭାବେ ଛାତିରେ ଯନ୍ତ୍ରଣା, ନିଃଶ୍ୱାସ ନେବାରେ ସମସ୍ୟା, ଫଟିଗୋ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଗୁରୁତର କେସରେ ହୃଦଘାତର ମଧ୍ୟ ଆଶଙ୍କା ରହିଛି । ଏହା ବିଶେଷଭାବେ ଆମର ଜୀବନଶୈଳୀ ଉପରେ ନିର୍ଭର କରିଥାଏ । ଏହି ରୋଗ ଆଶଙ୍କାକୁ ଦୂରେଇବା ପାଇଁ ଘରେ ପ୍ରତ୍ୟେହ ବ୍ୟାୟାମ, ସୁସ୍ଥକର ଖାଦ୍ୟ, ଏଭଳି ଡାଏଟ୍ ଫଲୋ କରନ୍ତୁ ଯେଉଁଥିରେ ଚର୍ବି ଓ ମିଠାର ମାତ୍ରା କମ ଥିବ । ନିଶା ଓ ତମାଖୁ ଠାରୁ ଦୂରରେ ରହିବାକୁ ହେବ । କିଛି ସମୟ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶର ଆବଶ୍ୟକତା ମଧ୍ୟଅୟ ରହିଛି । ଯେ କୌଣସି ପଦକ୍ଷେପ ନେବା ଆଗରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଫୁସ୍ ଫୁସ ସମ୍ବନ୍ଧୀୟ ସମସ୍ୟା

ଏହି ତାଲିକାରେ ଦ୍ୱିତୀୟରେ ରହିଛି ଫୁସଫୁସ୍ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା। ଏଥିରେ ଆଗରେ ରହିଥାଏ କ୍ରୋନିକ ଅବ୍ଷ୍ଟ୍ରକଟିଭ୍ ପଲ୍ୟୁମୋନାରୀ ଡିଜିଜ୍ ବା ସିଓପିଡି । ଏହି ସମସ୍ୟାରେ ଫୁସଫୁସ୍ ସମ୍ବନ୍ଧିତ ଅନେକ ସମସ୍ୟା

ମିଶି କରି ରହିଥାଏ ।

ଏଥିରେ ଏମ୍ଫାସିମା, କ୍ରୋନିକ ବ୍ରୋଙ୍କାଇଟ୍ସ ଭଳି ସମସ୍ୟା ସାମିଲ ଥାଏ । ଏହି ରୋଗ ସାଧାରଣତଃ ଅଧିକ ଦିନ ଧରି ଧୂମପାନ, ଅଧିକ ସମୟ ପ୍ରଦୂଷଣରେ ବିତାଇବା, କୌଣସି କେମିକାଲ କିମ୍ବା ଧୂଳି ସଂସ୍ପର୍ଷରେ ଲଗାତାର ଆସିବା । ଏହାର ଲକ୍ଷଣ ଭାବେ ଲଗାତାର କଫ, ନିଃଶ୍ୱାସ ନେବାରେ ସମସ୍ୟା, ଛାତିରେ ଯନ୍ତ୍ରଣା ଆଦି ଦେଖିବାକୁ ମିଳିଥାଏ । ଏଭଳି କୌଣସି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଡାକ୍ତରଙ୍କ ଚିକିତ୍ସା ସହିତ ଘରେ ନିଜର ଜୀବନ ଶୈଳୀରେ କିଛି ପରିବର୍ତ୍ତନର ମଧ୍ୟ ଆବଶ୍ୟକ ରହିଛି । ନିଶାଦ୍ରବ୍ୟ ଠାରୁ ଦୂରରେ ରୁହନ୍ତୁ, ପରିବେଶ ପ୍ରଦୂଷଣରୁ ଦୂରରେ ରୁହନ୍ତୁ, ସେହିଭଳି ବାହାରକୁ ଯିବା ସମୟରେ ମାସ୍କ ପିନ୍ଧନ୍ତୁ । ଏହାପରେ ସବୁବେଳେ ଚିକିତ୍ସକଙ୍କ ପରାମର୍ଶରେ ରୁହନ୍ତୁ ।

ଷ୍ଟ୍ରୋକ

ଆଜିକାଲି ଅନେକ ସମୟରେ ଷ୍ଟ୍ରୋକ ସମସ୍ୟା ଦେଖିବାକୁ ମିଳୁଛି । ଏହି ଷ୍ଟ୍ରୋକ ସମସ୍ୟା ଭିତରେ ସେରେବ୍ରୋଭସ୍କୁଲାର ସମସ୍ୟା ବା ମସ୍ତିଷ୍କ ରକ୍ତନଳୀ ରୋଗ । ଏହି ସମସ୍ୟାରେ ଯେତେବେଳେ ମସ୍ତିଷ୍କର କୌଣସି ଅଂଶକୁ ରକ୍ତ ସଞ୍ଚାଳନ କମ ହୋଇଥାଏ ସେତେବେଳେ ବ୍ରେନରେ ଥିବା ଟିସୁରେ ଅମ୍ଳଜାନର ଅଭାବ ଦେଖିବାକୁ ମିଳିଥାଏ । ଉଚ୍ଚ ରକ୍ତଚାପ, ଏଥେରାସ୍କେରୋସିଲେରୋସିସ୍, ମଧୁମେହ, ମେଦବହୁଳତା ଏହାର ପ୍ରାଥମିକ କାରଣ ହୋଇଥାଏ । ଏହି ସମସ୍ୟାର ଲକ୍ଷଣ ଭାବେ ହଠାତ୍ ଅତ୍ୟଧୀକ ଦୁର୍ବଳ ଲାଗିବା, କଥା କହିବାରେ ଅସୁବିଧା, ଦୃଷ୍ଟି ଶକ୍ତି କମିବା, ପ୍ରବଳ ମୁଣ୍ଡ ବିନ୍ଧା । ଏହାର ଚିକିତ୍ସା ଡାକ୍ତରଙ୍କ ପରାମର୍ଶରେ କରନ୍ତୁ । ହେଲେ ନିଜ ଦୌନନ୍ଦିନ କାର୍ଯ୍ୟରେ ମଧ୍ୟ କିଛି ପରିବର୍ତ୍ତନ କରିବାକୁ ପଡିବ । ରକ୍ତଚାପକୁ ନିୟନ୍ତ୍ରଣରେ ରଖନ୍ତୁ, ମଧୁମେହ ଯଦି ରହିଛି ତେବେ ନିୟନ୍ତ୍ରଣରେ ରଖନ୍ତୁ, ସବୁବେଳେ ଯାହା ହୃଦୟ ପାଇଁ ସୁସ୍ଥକର ସେହିଭଳି ଖାଦ୍ୟ ଖାଆନ୍ତୁ । ପ୍ରତ୍ୟେକ ଦିନ ବ୍ୟାୟାମ କରନ୍ତୁ । ଯାହାଫଳରେ





ଏହା ଆପଣଙ୍କ ନିୟନ୍ତ୍ରଣରେ ରହିବ । ସେହିଭଳି ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶ ସହିତ ଶରୀର କିଛି ପରୀକ୍ଷା କରନ୍ତୁ । ସେହିଭଳି ଷ୍ଟ୍ରୋକର ଆହୁରି ଅନେକ ପ୍ରକାର ମଧ୍ୟ ରହିଛି, ଯାହା ମଧ୍ୟ ଘାତକ ହୋଇଥାଏ । ତେଣୁ ନିଜର ଜୀବନଶୈଳୀକୁ ସବୁବେଳେ ମାର୍ଜିତ ରଖନ୍ତୁ । ସବୁବେଳେ ସୁସ୍ଥ ଖାଦ୍ୟପେୟ ଆପଣାନ୍ତୁ । ବ୍ୟାୟାମ କରନ୍ତୁ ଏବଂ ଅଯଥା ଚିନ୍ତାରୁ ଦୂରରେ ରୁହନ୍ତୁ ।

ଶ୍ୱାସକ୍ରିୟା ଜନିତ ସମସ୍ୟା

ଭାରତରେ ଦେଖିବାକୁ ମିଳୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ଶ୍ୱାସକ୍ରିୟା ଜନିତ ସମସ୍ୟା ମଧ୍ୟ ରହିଛି, ଯାହାର ପ୍ରଭାବ ଅଧିକ ଦେଖିବାକୁ ମିଳେ । ଏଥିରେ ସବୁଠାରୁ ଗୁରୁତର ହୋଇଥାଏ ଲୋୟର ରେସ୍ପିରୋଟାରୀ ଇନଫେକସନ୍ । ଏହା ଅଧୀନରେ ନ୍ୟୁମୋନିଆ, ବ୍ରୋଙ୍କିଟସ୍ ଭଳି ସମସ୍ୟା ରହିଛି । ଏହି ସମସ୍ୟା ହେଲେ ବିଶେଷଭାବେ ଫୁସଫୁସ୍ ପ୍ରଭାବିତ ହୋଇଥାଏ । ଏହା ପ୍ରାୟତଃ ବ୍ୟାକ୍ଟେରିଆ, ଭାଇରସ କିମ୍ବା କବକ ଦ୍ୱାରା ସଂକ୍ରମିତ ହୋଇଥାଏ । ଏହାର ଲକ୍ଷଣ ଭାବେ କାସ, ଛାତିରେ ଯନ୍ତ୍ରଣା, ଜ୍ୱର, ନିଃଶ୍ୱାସ ନେବାରେ ସମସ୍ୟା, ଫଟିଗୋ ଆଦି ଦେଖିବାକୁ ମିଳିଥାଏ । ଏହାର କାରଣ ଭାବେ ପ୍ରଦୂଷଣ, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି, ଧୂମପାନ ଆଦି ହୋଇଥାଏ । ତେବେ ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହା ସହିତ ନିଜର ଦୈନନ୍ଦିନ ଜୀବନଶୈଳୀ ବଦଳାନ୍ତୁ । ସବୁବେଳେ ପ୍ରଥମେ କାରଣ ବୁଝି ଏହାପରେ ଏଗୁଡିକର ସମାଧାନ କାଢନ୍ତୁ । ଘର ପରିବେଶ ପରିଷ୍କାର ରଖନ୍ତୁ । ଧୂମପାନଠୁ ଦୂରରେ ରୁହନ୍ତୁ । ସବୁବେଳେ ଘରକୁ ଉପଯୁକ୍ତ ଭେଣ୍ଟିଲେସନ୍ ଦିଅନ୍ତୁ । ପ୍ରଦୂଷଣରୁ ଦୂରେଇ ରୁହନ୍ତୁ । ବାହାରକୁ ଯିବା ସମୟରେ ମାସ୍କ ପିନ୍ଧନ୍ତୁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସିତ ହୁଅନ୍ତୁ ।

ମଧୁମେହ

ଆଜିକାଲି ଘରେଘରେ ମଧୁମେହ ରୋଗୀ ଦେଖିବାକୁ ମିଳୁଛନ୍ତି । ମଧୁମେହ ଗୋଟିଏ ରୋଗ ନୁହେଁ ବରଂ ରୋଗର ସମାହାର ହୋଇଥାଏ । ଛୋଟ ହେଉ କି ବଡ ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ମଧୁମେହ ସମସ୍ୟା ଦେଖିବାକୁ ମିଳୁଛି । ଜନ୍ମ ହେଲା ଶିଶୁଙ୍କ ନିକଟରେ ମଧ୍ୟ ମଧୁମେହ ସମସ୍ୟା ରହୁଛି । ତେବେ ଏହାର ବିଭିନ୍ନ ପ୍ରକାର ରହୁଛି ଯେପରି ଟାଇପ୍ ୧, ଟାଇପ୍ ୨ ଆଦି । ସେହିଭଳି ଏହା ହେବାର କାରଣ ମଧ୍ୟ ବିଭିନ୍ନ ପ୍ରକାରର ଅଛି । କିଛି କ୍ଷେତ୍ରରେ ଏହା ଜେନେଟିକ୍ ହେଉଥିବାବେଳେ କିଛି କ୍ଷେତ୍ରରେ ଆମ ଶରୀରରେ ଇନ୍ସୁଲିନ୍ ଉତ୍ପାଦନ କରୁଥିବା ସେଲ ନଷ୍ଟ ହୋଇଯିବା କାରଣରୁ ଏହା ହୋଇଥାଏ । ତେବେ ମୁଖ୍ୟତଃ ଆମର ଜୀବନ ଶୈଳୀର ପ୍ରଭାବ ବେଶି ରହିଥାଏ । ଖାଦ୍ୟରେ ପୋଷକ ତତ୍ତ୍ୱର ଅଭାବ ରହିଲେ ମଧ୍ୟ ଏହା ହେବାର ସମ୍ଭାବନା ରହିଛି । ଏହାକୁ ଦୂରେଇବା ପାଇଁ ଏହାର ଲକ୍ଷଣ ଚିହ୍ନିବାର ଆବଶ୍ୟକତା ରହିଛି । ଯାହାଫଳରେ ଚିକିତ୍ସା କରାଇବା ଫଳରେ ଏଥିରୁ ମୁକ୍ତି ମିଳିବ । ଏହାର ଲକ୍ଷଣ ଭାବେ ବାରମ୍ବାର ପରିସ୍ରା ଲାଗିବା, ଅତ୍ୟଧୀକ ଶୋଷ ହେବା, ଫଟିଗୋ, ଦୁର୍ବଳ ଲାଗିବା, ଦୃଷ୍ଟି ଶକ୍ତି କମିବା, ଶରୀରରେ ସୃଷ୍ଟି ହେଉଥିବା କ୍ଷତ ଧୀରେଧୀରେ ଭଲହେବା ଆଦି । ସବୁବେଳେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଓ ଖାଦ୍ୟ ଖାଆନ୍ତୁ । ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ । ଖାଦ୍ୟରେ ସନ୍ତୁଳନ ରଖନ୍ତୁ, ବ୍ୟାୟାମ କରନ୍ତୁ । ସୁଗାର ଲେବଲ ଚେକ୍ ରଖନ୍ତୁ । ମିଠା ଓ ନିଶା ଦ୍ରବ୍ୟ ଠାରୁ ଦୂରରେ ରୁହନ୍ତୁ । ବ୍ୟାୟାମକୁ ନିଜ ଜୀବନର ଏକ ଅବିଚ୍ଛିନ୍ନ ଅଙ୍ଗଭାବେ ସାମିଲ କରନ୍ତୁ ।

ଆଲ୍ଜାଇମର

ଅନେକ ଲୋକଙ୍କ ବୃଦ୍ଧା ଅବସ୍ଥାକୁ ଏହି ରୋଗ ବିଭିନ୍ନ ସମସ୍ୟାରେ ଭରି ଦଉଛି । ଏହି ରୋଗ ହେଲେ ରୋଗୀ ଅନେକ କଥା ଭୁଲିବାକୁ ଲାଗିଥାଆନ୍ତି । ଏପରିକି କିଛି ଗୁରୁତର କ୍ଷେତ୍ରରେ ସେମାନେ ମଣିଷ ସହିତ ଜୀବନର କିଛି ସ୍ମୃତିକୁ ମଧ୍ୟ ପାଶୋରି ଦେଇଥାଆନ୍ତି । ଯାହାଫଳରେ ତାଙ୍କୁ ସାମାଜିକ ଜୀବନ ବଞ୍ଚିବାରେ ଖୁବ ଅସୁବିଧା ହୋଇଥାଏ । ଏହାର ଲକ୍ଷଣ ଭାବେ ମେମୋରୀ ଲସ୍, ସମସ୍ତ କ୍ଷେତ୍ରରେ ଦ୍ୱନ୍ଦ୍ୱ, କଥାବାର୍ତ୍ତାରେ ଅସୁବିଧା, ମୁଡ ସୁଇଂ, ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ଅସମର୍ଥ ହେବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଆଜି ପର୍ଯ୍ୟନ୍ତ ଏହାର ପ୍ରକୃତ ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ଜଣା ପଡିନାହିଁ । ଏହାର ପ୍ରାଥମିକ କାରଣ ଭାବେ ବୟସକୁ

ନିଆଯାଇଥାଏ । କିଛି କିଛି ବିରଳ କେସ୍ ମଧ୍ୟ ରହିଛି ଯେଉଁଠାରେ କମ ବୟସରେ ଏହି ସମସ୍ୟା ଦେଖିବାକୁ ମିଳେ । ମୁଖ୍ୟତଃ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଏହାର ସମାଧାନ ହୋଇଥାଏ । ତେବେ ଏହି ରୋଗୀଙ୍କ ପାଇଁ ପରିବାରର ଯତ୍ନ ଓ ଭଲପାଇବା ଖୁବ ଆବଶ୍ୟକ ହୋଇଥାଏ । ଏହି ସମୟରେ ସୁଷମ ଖାଦ୍ୟ ସହ ଚିନ୍ତା ମୁକ୍ତ ପରିବେଶ ରୋଗୀଙ୍କୁ ବିଶେଷ ସହାୟକ ହୋଇଥାଏ । ଏହି ସମୟରେ ରୋଗୀଙ୍କର ଅଧିକ ଧ୍ୟାନ ରଖିବାର ଆବଶ୍ୟକତା ରହିଛି ।

କର୍କଟ

କର୍କଟ ରୋଗ ବା କ୍ୟାନ୍ସରର ବିଭିନ୍ନ ସମସ୍ୟା ପ୍ରତିଦିନ ଦେଖିବାକୁ ମିଳୁଛି । ଏହି ରୋଗର ଚିକିତ୍ସା ବହୁତ ବ୍ୟୟବହୁଳ ଓ କଷ୍ଟସାଧ୍ୟ ହୋଇଥିବାରୁ ଏହା ସମସ୍ତଙ୍କୁ ଖୁବ ଡରାଇଥାଏ । ଏହାର ବିଭିନ୍ନ ପ୍ରକାରର ରହିଛି । ଏହା ଆମ ଶରୀରର ବିଭିନ୍ନ ଅଙ୍ଗରେ ମୁଖ୍ୟତଃ ଦେଖିବାକୁ ମିଳିଥାଏ । ପ୍ରତିଟି ପ୍ରକାରର ଲକ୍ଷଣ ଓ କାରଣ ଭିନ୍ନ ହୋଇଥାଏ । ସେହିଭଳି କିଛି ଲକ୍ଷଣ କ୍ୟାନ୍ସର ଲକ୍ଷଣ ଭଳି ପ୍ରତୀତ ହେଲେ ମଧ୍ୟ ଏହା ହୋଇନଥାଏ । କେବଳ ପରୀକ୍ଷା ଦ୍ୱାରା ହିଁ କର୍କଟ ରୋଗ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ମିଳିଥାଏ । ତେବେ ଲକ୍ଷଣ ଭାବେ ଅଚାନକ ଓଜନ ହ୍ରାସ, ଫଟିଗୋ ସହିତ ଟ୍ୟୁମର ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଏହାର କାରଣ ମଧ୍ୟ ପ୍ରକାର ଅନୁଯାୟୀ ଭିନ୍ନ ହୋଇଥାଏ । ତେବେ କିଛିଟା କମନ୍ କାରଣ ରହିଛି ଯେପରି ବଂଶାନୁକ୍ରମ, ମାଦକ ଦ୍ରବ୍ୟ, ତମାଖୁ ସେବନ ଆଦି । ତେବେ ଏହି ରୋଗ ସମ୍ବନ୍ଧରେ ଅଧିକ ତଥ୍ୟ କେବଳ ଡାକ୍ତରଙ୍କ ପାଖରୁ ହିଁ ମିଳିବ । ଯେବେ ବି ଏହି ରୋଗର କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । କେବଳ ଲକ୍ଷଣ ନୁହେଁ ବରଂ ବିଭିନ୍ନ ପରୀକ୍ଷା ସାହାଯ୍ୟରେ ଏହି ରୋଗକୁ ଚିହ୍ନଟ କରାଯାଇଥାଏ । ସେହିଭଳି ଏହି ରୋଗ ପାଇଁ ଜୀବନଶୈଳୀ ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ସବୁବେଳେ ଏକ ସ୍ୱାସ୍ଥ୍ୟକର ଜୀବନଶୈଳୀ ଅନୁକରଣ କରନ୍ତୁ । ନିଶା ଦ୍ରବ୍ୟଠାରୁ ଦୂରରେ ରୁହନ୍ତୁ । ସେହିଭଳି ନିୟମିତ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ଚିନ୍ତା ମୁକ୍ତ ରହିବା ସହିତ ନିୟମିତ ବ୍ୟାୟାମ ଅଭ୍ୟାସ କରନ୍ତୁ ।

ଡାଇରିଆ

ଭାରତରେ ଡାଇରିଆ ଅଧିକମାତ୍ରାରେ ଦେଖିବାକୁ ମିଳିଥାଏ । ଏହା ଭାରତର ବିଭିନ୍ନ ସ୍ଥାନରେ ଏବଂ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ । ଏଥିରେ ଅନେକ ସମୟରେ ପ୍ରାଣହାନୀର ସୂଚନା ମଧ୍ୟ ରହିଛି । ଏହାଖୁବ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭାବେ କିଛି ଅଞ୍ଚଳରେ ଉଭା ହୋଇଥାଏ । ଏହା ବିଶେଷଭାବେ ବ୍ୟାକ୍ଟେରିଆ ସଂକ୍ରମଣ, ଖାଦ୍ୟ ବିଷାକ୍ତିକରଣ ଆଦି କାରଣରୁ ହୋଇଥାଏ । ଏହାର ଲକ୍ଷଣ ଭାବେ ତରଳ ଝାଡା, ପେଟରେ ଯନ୍ତ୍ରଣା, ବାନ୍ତି, ଜ୍ୱର, ଡିହାଇଡ୍ରେସନ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଏହାକୁ ଡାକ୍ତରୀ ଚିକିତ୍ସାରେ ରୋକିହେବ, ଏହାସହିତ ନିଜର ଦୈନନ୍ଦିନ ଜୀବନରେ ମଧ୍ୟ ଧ୍ୟାନ ଦେବାକୁ ହେବ । ଶୁଦ୍ଧ ପାନୀୟଜଳ, ପରିବେଶ ସଫାସୁତୁରା, ପୋଷଣରେ ଭରପୂର ଖାଦ୍ୟ, ଘରେ ରନ୍ଧା ଯାଇଥିବା ସତେଜ ଖାଦ୍ୟ ଆଦି ଏହାକୁ ରୋକିବାରେ ସହାୟକ ହୋଇଥାଏ । ତେବେ ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସିତ ହୁଅନ୍ତୁ, ନଚେତ ଏହା ଘାତକ ହେବାର ଭୟ ରହିଥାଏ । ସେହିଭଳି ଡାଇରିଆ ହେଲେ ଅଧିକ ପରିମାଣ ପାଣି ପିଇବା ସହିତ ଘରେ ରହି ଆରାମ କରନ୍ତୁ ।

ଟିବି

ଟିବି ବା ଟ୍ୟୁବେରକ୍ଲୋସିସ୍ ଭାରତରେ ଅଧିକ ଦେଖିବାକୁ ମିଳୁଥିବା ରୋଗ ମଧ୍ୟରେ ସାମିଲ ରହିଛି । ଏହା ଏକ ଗମ୍ଭୀର ସଂକ୍ରମିତ ରୋଗ ଯାହା ଆମର ଫୁସଫୁସକୁ ପ୍ରଭାବିତ କରିଥାଏ । ଏହାର ଲକ୍ଷଣ ଭାବେ ଅଧିକ ଦିନ ଧରି କଫ, ଛାତିରେ ଯନ୍ତ୍ରଣା, କଫରେ ରକ୍ତ ପଡିବା, ରାତିରେ ଅଧିକ ଝାଳ ବାହାରିବା, ଓଜନ ହ୍ରାସ ଆଦି ଦେଖିବାକୁ ମିଳିଥାଏ । ଏହା ଏକ ସଂକ୍ରମିତ ରୋଗ ହୋଇଥିବାରୁ ଏହା ଖୁବ ଅଧିକ ଗମ୍ଭୀର ହୋଇଥାଏ । ତେବେ ଏହି ରୋଗ ପାଇଁ ବି ସି ଜି ଭ୍ୟାକସିନ୍ ଉପଲବ୍ଧ ହୋଇଥାଏ ତେଣୁ ଏହାକୁ ନେବା ଦ୍ୱାରା ଟିବି ରୋଗରୁ ମୁକ୍ତି ମିଳିଥାଏ । ଏହାସହ ଏହାର ଲକ୍ଷଣ ଚିହ୍ନି ଶୀଘ୍ର ଚିକିତ୍ସା କଲେ ମଧ୍ୟ ଏଥିରୁ ମୁକ୍ତି ମିଳିବ । ଏଥିସହିତ କିଭଳି ଏହା ଅନ୍ୟ କାହାଠାରୁ ସଂକ୍ରମିତ ହେବ ନାହିଁ ସେଥିପ୍ରତି ଧ୍ୟାନ ଦିଅନ୍ତୁ , ଲାଭ ମିଳିବ ।

ମାନସିକ ସ୍ୱାସ୍ଥ୍ୟ

ଆଜିକାଲି ଭାରତରେ ଅନେକ ଆତ୍ମହତ୍ୟା ଘଟଣା ସାମନାକୁ ଆସୁଛି । ବିଶେଷଭାବେ ଯୁବପିଢିଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି । ଜୀବନରେ କୌଣସି ଛୋଟଛୋଟ ସମସ୍ୟା ଆସିଲେ ମଧ୍ୟ ସେମାନେ ହାରି ଯାଉଛନ୍ତି । କିଛି ଆଗପଛ ନଭାବି ଚରମ ପଦକ୍ଷେପ ନେଉଥିବା ଦେଖିବାକୁ ମିଳୁଛି । ଆତ୍ମହତ୍ୟାକୁ ସବୁ ସମସ୍ୟାର ସମାଧାନ ଭାବେ ଗ୍ରହଣ କରୁଛନ୍ତି ଯୁବପିଢି । ସେହିଭଳି ଅନେକ ପିଲା ହେଉ କି ବଡଙ୍କ ନିକଟରେ ଅବସାଦ ଦେଖିବାକୁ ମିଳୁଛି । ଅଫିସରେ କାର୍ଯ୍ୟ ବ୍ୟବସ୍ଥା ହଉ କିମ୍ବା ଘରେ କୌଣସି ସମସ୍ୟା ସବୁକିଛି ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ବିଶେଷ ପ୍ରଭାବ ପକାଇଥାଏ । ହେଲେ ଏହାରି ଭିତରେ ମଧ୍ୟ ଆମକୁ ନିଜ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ହୋଇଥାଏ । ମାନସିକ ସ୍ତରରେ ସକରାତ୍ମକ ରହି କିଭଳି ଆଗକୁ ବଢିହେବ ସେନେଇ ଯତ୍ନ ବାନ ହେବାକୁ ପଡିବ । ଯଦି କୌଣସି ସମସ୍ୟା ରହିଛି ତେବେ ଏହାକୁ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ଚେଷ୍ଟା କରନ୍ତୁ । ସେହିଭଳି ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ଧ୍ୟାନ ଓ ବ୍ୟାୟାମକୁ ଅଭ୍ୟାସରେ ପକାନ୍ତୁ। ସବୁବେଳେ ନିଜକୁ ଯାହା ଭଲ ଲାଗୁଛି ସେଥିରେ ମନ ଦିଅନ୍ତୁ । ଏଭଳି ସ୍ଥିତିରୁ ବାହାରିବା ପାଇଁ ଅନ୍ୟମାନଙ୍କ ସାହାଯ୍ୟ ମଧ୍ୟ ନିଅନ୍ତୁ ।

ଶାଢ଼ିରେ ଜାକେଟ୍

ଶାଢ଼ି ଆମ ଭାରତୀୟଙ୍କ ପାରମ୍ପରିକ ପରିଧାନ । ତେବେ ବର୍ତ୍ତମାନ ଏହାକୁ ୱେଷ୍ଟର୍ଣ୍ଣ ଟଚ୍ ଦେଇ ପିନ୍ଧିବାକୁ ଯୁବପିଢ଼ିମାନେ ପସନ୍ଦ କରୁଛନ୍ତି । ସେହି ତାଲିକାରେ ରହିଛି ଜାକେଟ୍, ଯାହାକୁ ଶାଢ଼ି ସହିତ ପେୟାର କରି ଏକ ଇଣ୍ଡୋଫ୍ୟୁଜନ ଲୁକ କ୍ରିଏଟ କରିହେବ ।

✦ଫ୍ଲୋର ଲେନ୍ଥ ଜାକେଟ୍

କେପ୍ ଷ୍ଟାଇଲ ଫ୍ଲୋର ଲେନ୍ଥ ଜାକେଟ୍କୁ ଶାଢ଼ି ସହିତ ପେୟାର କରିବା ଦ୍ୱାରା ଏକ ଖୁବ ସୁନ୍ଦର ଇଣ୍ଡୋ ୱେଷ୍ଟର୍ଣ୍ଣ ଲୁକ କ୍ରିଏଟ ହୋଇଥାଏ । ଏହା ଏକ ପ୍ଲେନ୍ ସିମ୍ପଲ ପାଷ୍ଟେଲ ଶାଢ଼ିକୁ ବି ଖୁବ ସୁନ୍ଦର ଷ୍ଟାଇଲ କରିଥାଏ । ଏହା ଶାଢ଼ିରେ ଏକ ଏକ୍ସଟ୍ରା ଲେୟାର ଆଡ କରିଥାଏ, ଯାହା ଖୁବ ସୁନ୍ଦର ହୋଇଥାଏ ।

✦ଷ୍ଟେଟମେଣ୍ଟ ଜାକେଟ

ଏହା ସମସ୍ତଙ୍କର ପସନ୍ଦ ହୋଇଥାଏ । ଏହାର ରଙ୍ଗ ଓ ଡିଜାଇନ ଖୁବ ସୁନ୍ଦର ହୋଇଥାଏ, ଯାହା ପ୍ଲେନ୍ ଶାଢ଼ି ସହିତ ଖୁବ ଯମିଥାଏ । ଏହି ଜାକେଟ୍ ଆପଣଙ୍କୁ ଏକ ଏଲିଗାଣ୍ଟ ଲୁକ୍ କ୍ରିଏଟ କରିବାରେ ସହାୟକ ହୋଇଥାଏ ।

✦ଭେଲବେଟ୍ ଜାକେଟ୍

ଭେଲବେଟ୍ ଫ୍ୟାଶନ ସବୁବେଳେ ଟ୍ରେଣ୍ଡରେ ରହିଥାଏ । ଭେଲବେଟ୍ ଫ୍ୟାଶନରେ ସବୁବେଳେ ଜାକେଟରେ ଖୁବ ଭଲ ଡିଜାଇନ ରହିଥାଏ । ଯାହା ବିଶେଷଭାବେ ବ୍ରାଇଡାଲ ଆଉଟଫିଟ୍ ସହିତ ଖୁବ ଭଲ ମ୍ୟାଚ୍ ହୋଇଥାଏ । ଡିନର ପାର୍ଟି ପାଇଁ ଏହା ଖୁବ ଭଲ ଅପସନ ହୋଇଥାଏ । ପ୍ଲେନ୍ ଶାଢ଼ି ସହିତ ଏହି ହେବି ଜାକେଟ୍ ଖୁବ ଭଲ ମ୍ୟାଚ୍ ହେବ ।

✦ସର୍ଟ ଜାକେଟ୍

ଷ୍ଟେଟମେଣ୍ଟ ବ୍ଲାଉଜ ସହିତ ସର୍ଟ ଜାକେଟ୍ ପେୟାର କଲେ ଖୁବ ଭଲ ମାନିଥାଏ । ଲାଇଟ୍ କଲର ଶାଢ଼ି ଓ ଷ୍ଟେଟମେଣ୍ଟ ବ୍ଲାଉଜ ସହିତ ଏକ ହେଭି ସର୍ଟ ଜାକେଟ ଖୁବ ଭଲ ଲୁକ କ୍ରିଏଟ କରିଥାଏ ।

✦ଲେହେଙ୍ଗା ଶାଢ଼ି ଓ ଜାକେଟ୍

ଲେହେଙ୍ଗା ଶାଢ଼ି ସହିତ ଜାକେଟ୍ ଖୁବ ଭଲ ଲାଗିଥାଏ । ଏହି ଷ୍ଟାଇଲକୁ ସେଲିବ୍ରିଟିମାନେ ମଧ୍ୟ କ୍ୟାରୀ କରୁଥିବାର ଦେଖିବାକୁ ମିଳିଥାଏ । ବାହାଘରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଏହି ଷ୍ଟାଇଲକୁ କ୍ୟାରୀ କରନ୍ତୁ ଖୁବ ଭଲ ଏଲିଗାଣ୍ଟ ଲୁକ କ୍ରିଏଟ ହେବ । ଏହାକୁ କଳା ରଙ୍ଗର ଚୟନ କଲେ ଆପଣ ଏକ ବସି ଲୁକ ପାଇ ପାରିବେ ।

ମୃଣାଳ
mrinalchatterjeeiimc@gmail.com

ସ୍ୱାଧୀନତା ଦିବସ

ଆମେ ହୁଏତ କ୍ରମଶଃ ଭୁଲିଯାଉଛୁ ଯେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ କେବଳ ଏକ ଛୁଟି ଦିନ ନୁହେଁ, ଏହା ଏକ ସମ୍ମିଳିତ ସ୍ମରଣ, କୃତଜ୍ଞତା ଜ୍ଞାପନ ଏବଂ ଆତ୍ମଚିନ୍ତନର ଦିନ । ପ୍ରତି ବର୍ଷ ଅଗଷ୍ଟ ୧୫ରେ ଯେତେବେଳେ ତ୍ରିରଙ୍ଗା ଉଡ଼େ ଆକାଶରେ ଆଉ ଜାତୀୟ ସଙ୍ଗୀତର ମୂର୍ଚ୍ଛନାରେ ଭରିଯାଏ ଦିଗ ଦିଗନ୍ତ, ସେତେବେଳେ ଆମେ କେବଳ ୧୯୪୭ର ବିଜୟକୁ ନୁହେଁ, ବରଂ ସ୍ୱାଧୀନତା ସହିତ ତା'ର ଦାୟିତ୍ୱକୁ ମଧ୍ୟ ସ୍ମରଣ କରୁ । ସ୍ୱାଧୀନତାର ପଥ ଥିଲା କଣ୍ଟକିତ । ଆମେ ସ୍ୱାଧୀନତା ପାଇଛୁ ବହୁ ମଣିଷଙ୍କ ଆତ୍ମତ୍ୟାଗ ଫଳରେ, ଯେଉଁମାନେ ସ୍ୱାଧୀନ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ନିଜ ଜୀବନକୁ ବଳି ଦେବା ପାଇଁ ଆଗେଇଯାଇଥିଲେ । ଜଣା ଅଜଣା କେତେ ମଣିଷ କେବଳ ଔପନିବେଶିକ ଶକ୍ତି ବିରୁଦ୍ଧରେ ନୁହେଁ, ବରଂ ଅନ୍ୟାୟ, ଅସାମ୍ୟ, ବୈଷମ୍ୟ, ଦମନ ପୀଡ଼ନ ବିରୁଦ୍ଧରେ ଲଢେଇ କରିଥିଲେ । ସେମାନଙ୍କ ଲକ୍ଷ କେବଳ ରାଜନୈତିକ ସ୍ୱାଧିନତାରେ ସୀମାବଦ୍ଧ ନ ଥିଲା, ସେମାନଙ୍କ ଲକ୍ଷ ଥିଲା ଏକ ଉନ୍ନତ, ନ୍ୟାୟନିଷ୍ଠ, ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ । ଆମେ ଏବେ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଯାଉଛୁ । ଆମେ ଏବେ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଯାଉଛୁ । ଏ କାଳଖଣ୍ଡ ଭିତରେ ଆମେ କ'ଣ ସେ ସ୍ୱପ୍ନକୁ ସାକାର କରି ପାରିଛୁ ? ଏ ସମୟ ଭିତରେ ଭାରତ ଅନେକ ଉନ୍ନତି କରିଛି । ୧୯୪୭ରେ ଦେଶ ସ୍ୱାଧୀନ ହେବା ସମୟରେ ଆମର ହାରାହାରି ଆୟୁ ଥିଲା ୩୨ । ବର୍ତ୍ତମାନ ୭୨ । ୧୯୪୭ରେ ସାକ୍ଷରତା ହାର ଥିଲା ୧୨ ଶତାଂଶ । ଏବେ ୭୪ ଶତାଂଶ । ଖାଦ୍ୟରେ ଆମେ ସ୍ୱନିର୍ଭର । ବିଜ୍ଞାନରେ, ବିଶେଷ କରି ମହାକାଶ ବିଜ୍ଞାନ କ୍ଷେତ୍ରରେ ଆମର ଉଲ୍ଲେଖନୀୟ ଉନ୍ନତି ହୋଇଛି । କିନ୍ତୁ ଦାରିଦ୍ର୍ୟ, ବୈଷମ୍ୟ ଏବଂ ସାମାଜିକ ଅସ୍ଥିରତା ଏବେବି ରହିଛି । ସ୍ୱାଧୀନତା ଦିବସ ପାଳନ ସହିତ ଏହା ଏକ ନୂଆ ଅଙ୍ଗୀକାରର ଦିନ ହେଉ । ଏକ ନ୍ୟାୟନିଷ୍ଠ, ବୈଷମ୍ୟ-ମୁକ୍ତ ଦେଶ ଗଠନ କରିବାର ଅଙ୍ଗୀକାର । ପ୍ରକୃତ ଦେଶପ୍ରେମ କେବଳ ଅତୀତକୁ ସ୍ମରଣ କରିବା ନୁହଁ, ତା' ସହିତ ଏକ ଉନ୍ନତ ଦେଶ ଗଠନରେ ସକ୍ରିୟ ଅଂଶ ଗ୍ରହଣ ।

ଉମରାଓ ଜାନ



୧୯୮୧ ମସିହାରେ ମୁକ୍ତି ଲାଭ କରିଥବା ଧ୍ରୃପଦି (କ୍ଲାସିକ) ହିନ୍ଦୀ ଚଳଚ୍ଚିତ୍ର 'ଉମରାଓ' ଜାନ୍ ସଂପ୍ରତି ଡିଜିଟାଲ ରୂପରେ ପୁଣି ପ୍ରେକ୍ଷାଗୃହକୁ ଫେରି ଆସିଛି । ଭାରତର ସଂସ୍କୃତି ମନ୍ତ୍ରଣାଳୟ ନେସନାଲ ଫିଲ୍ମ ଆର୍କାଇଭ ଅଫ ଇଣ୍ଡିଆ (ଏନଏଫଏଆଇ) ଏବଂ ନେସନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ (ଏନଏଫଡିସି)ର ମିଳିତ ଉଦ୍ୟମରେ ଭାରତୀୟ ଚଳଚ୍ଚିତ୍ର ଐତିହ ସଂରକ୍ଷଣ ଓ ପୁନର୍ଜୀବନ କରିବାପାଇଁ ଗୋଟେ ବୃହତ ପ୍ରକଳ୍ପର ଅଂଶ ଭାବରେ ଏଇ ରେଷ୍ଟୋରେସନ କରାଯାଇଛି । ଉମରାଓ ଜାନ ୪ଟି ଜାତୀୟ ପୁରସ୍କାରରେ ସମ୍ମାନୀତ ହୋଇଥିଲା । ଏ ଚଳଚ୍ଚିତ୍ରଟି ଉର୍ଦ୍ଦୁ ଉପନ୍ୟାସ 'ଉମରାଓଜାନ ଅଦା'ର କାହାଣୀ ଉପରେ ନିର୍ମିତ । 'ଉମରାଓଜାନ ଅଦା' ଉପନ୍ୟାସର ଲେଖକ ମୀର୍ଜା ହଦି ରୁଷୱା (୧୮୫୭-୧୯୩୧) । ଏହା ପ୍ରକାଶିତ ହୋଇଥିଲା ୧୮୯୯ରେ । ଏହାକୁ ଉର୍ଦ୍ଦୁ ଭାଷାର ପ୍ରଥମ ଉପନ୍ୟାସ ବୋଲି ବିବେଚନା କରାଯାଏ । ଏ ଉପନ୍ୟାସର ମୁଖ୍ୟ ନାୟିକା ହେଲେ ଉନବିଂଶ ଶତାବ୍ଦୀର ଜଣେ ତବାଏଫ ଉମରାଓ ଜାନ । ତବାଏଫ ନର୍ତ୍ତକୀ ଏବଂ ଯୌନକର୍ମୀର ମିଶାମିଶି ରୂପ । ଜନ୍ମସ୍ଥାନ ଉତ୍ତରପ୍ରଦେଶର ଫହିଆବାଦର ଏକ ସାଧାରଣ ପରିବାରରେ । ନାଁ ଥିଲା ଅମିରାନ । ବାର ବର୍ଷ ବୟସରେ ତାଙ୍କ ପିତାଙ୍କ ଶତ୍ରୁମାନେ ତାଙ୍କୁ ଅପହରଣ କରି ଲକ୍ଷ୍ନୌର ଗୋଟେ କୋଠି (ଯେଉଁଠି ନୃତ୍ୟଗୀତ ପରିବେଷଣ ସହିତ ଦୈହିକ ସଂପର୍କ ମଧ୍ୟ ରଖାଯାଏର ପ୍ରଧାନ ତବାଏଫ ପାଖରେ ବିକ୍ରି କରିଦିଅନ୍ତି । ସେଠି ତା'ର ନାଁ ପରିବର୍ତ୍ତନ କରି ରଖାଯାଏ ଉମରାଓ ଏବଂ ତାକୁ ରାଜପରିବାରର ଦାୟାଦ ଏବଂ ଧନୀମାନଙ୍କର ମନ କିଣିବା ପାଇଁ ଧ୍ରୃପଦୀ ସଂଗୀତ ଓ ନୃତ୍ୟର ପ୍ରଶିକ୍ଷଣ ଦିଆଯାଏ । ହେଲେ ଉମରାଓ ନୃତ୍ୟ ଶିକ୍ଷା ସହିତ ଧୀରେ ଧୀରେ କବିତାରେ ଆଗ୍ରହୀ ହୋଇ ଉଠନ୍ତି ଏବଂ ଗଜଲ ଲେଖିବା ଓ ଗାଇବାରେ ଆଗ୍ରହୀ ହୁଅନ୍ତି । ମୋଟାମୋଟି ଭାବେ ସେ ସଂଗୀତ ଜଗତରେ ପ୍ରବେଶ କରନ୍ତି । ହେଲେ ତାଙ୍କ ଜୀବନ ଗୋଟିଏ ପରେ ଗୋଟିଏ ହୃଦୟ ଭଙ୍ଗ ଓ ଶୋଷଣ ମଧ୍ୟ ଦେଇ ଚାଲିଆସେ । ବେଶ୍ କିଛିଥର ଭଲ ପାଆନ୍ତି ସେ ଏବଂ ହୃଦୟଭଙ୍ଗର ବେଦନା ମଧ୍ୟ ପାଆନ୍ତି । ବହୁ ବେଦନାର ଅଭିଜ୍ଞତା ପରେ ଯେତେବେଳେ ସେ ନିଜ ପିତ୍ରାଳୟକୁ ଫେରି ଆସନ୍ତି ସେତେବେଳେ ତାଙ୍କ ପରିବାର ମଧ୍ୟ ତାଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି । ଏ ଉପନ୍ୟାସ ପ୍ରକାଶିତ ହେବାର ଆଠ ଦଶକ ପରେ ମୁଜାଫର ଅଲ୍ଲୀ ଏ ଉପନ୍ୟାସଅବଲମ୍ବନରେଚଳଚ୍ଚିତ୍ରଟିନିର୍ମାଣକରନ୍ତି । ଏହା ଭାରତୀୟ ସିନେମାର ଏକ ମାଇଲଖୁଣ୍ଟ ହେଇ ଉଠେ । ଏ ଚଳଚ୍ଚିତ୍ରଟିରେ କବିତା, ସଂଗୀତ, ନୃତ୍ୟର ଅପୂର୍ବ ମେଳବନ୍ଧନ ହେଇଛି ଆଉ ଏହା ମାଧ୍ୟମରେ ଉନବିଂଶ ଶତାବ୍ଦୀର ଲକ୍ଷ୍ନୌର ତବାଏଫମାନଙ୍କର ଜୀବନ ଉପସ୍ଥାପନ କରାଯାଇଛି ।

ଉମରାଓଜାନ ଚରିତ୍ରରେ ଅଭିନୟ କରିଥିଲେ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତ୍ରୀ ରେଖା । ତାଙ୍କ ଅଭିନୟ ଥିଲା ଅତ୍ୟନ୍ତ ଶକ୍ତିଶାଳୀ ଏବଂ ବେଦନାବିଧୁର ଯାହା ତାଙ୍କୁ ଜାତୀୟ ପୁରସ୍କାର ବି ଆଣି ଦେଇଥିଲା । ରେଖା ନୃତ୍ୟ ନିପୁଣା ତେଣୁ ଉମରାଓଜାନ ଚରିତ୍ରଟିକୁ ସେ ଖୁବ୍ ଭଲଭାବରେ ଫୁଟେଇ ତୋଳିଥିଲେ । ଚଳଚ୍ଚିତ୍ରର ସମୃଦ୍ଧ ଉର୍ଦ୍ଦୁ ସଂଳାପ ଓ ଗଜଲ ଯେମିତି 'ଦିଲ ଚିଜ୍ କ୍ୟା ହେ', 'ଇନ୍ ଆଖୋଁକି ମସ୍ତି', 'ଜନ୍ଦଗି ଜବ ଭି' ଖୟାମଙ୍କ ସୁର ଏବଂ ଆଶା ଭୋସ୍‌ଲେ ଓ ତଲତ ଅଜିଜଙ୍କ କଣ୍ଠରେ ଆଜି ମଧ୍ୟ ସଙ୍ଗୀତପ୍ରେମୀଙ୍କର ହୃଦୟରେ ଗୁଂଜରିତ ହୁଏ । ଏହାର ଅସାଧାରଣ ସିନେମାଟୋଗ୍ରାଫି ତତ୍କାଳୀନ ସମୟକୁ ସୁନ୍ଦର ଭାବରେ ଫୁଟାଇ ତୋଳିଥିଲା । ଉମରାଓ ଜାନ କେବଳ ଏକ ପିରିଅଡ ଡ୍ରାମା ନୁହଁ । ଏହା ମାନବ ଅସ୍ତିତ୍ୱ, ସ୍ୱାଧିନତାର ମୂଲ୍ୟ, ନାରୀର ଅନ୍ତହୀନ ପ୍ରେମ ଏବଂ ନିଜ ପରିଚୟ ପାଇବାର ସଂଗ୍ରାମର ଏକ ଗଭୀର ପ୍ରତିଛବି । ଯଦି ସୁଯୋଗ ପାଆନ୍ତି ଏହି ଚଳଚ୍ଚିତ୍ରଟିକୁ ନିଶ୍ଚୟ ଦେଖନ୍ତୁ । ଯେଉଁମାନେ ଦେଖି ନାହାନ୍ତି, ସେମାନେ ନିଶ୍ଚୟ ଦେଖନ୍ତୁ, ଯେଉଁମାନେ ଦେଖିଛନ୍ତି ସେମାନେ ଆଉଥରେ ଦେଖନ୍ତୁ ।

'ଗାଈଯାତ୍ରା'

ନେପାଳରେ 'ଗାଈଯାତ୍ରା' (ସ୍ଥାନୀୟ ଭାଷାରେ ଏହାକୁ 'ସା ପାରୁ' ବୋଲି କହନ୍ତି) ନାମକ ଏକ ଉତ୍ସବ ଅଛି, ଯେଉଁଥିରେ ଶୋକ, ପ୍ରାର୍ଥନା ଏବଂ ହାସ୍ୟବ୍ୟଙ୍ଗ, ଟାହି ଟାପରା ମିଶି ରହିଛି । ଏହି ଉତ୍ସବର ଉତ୍ପତ୍ତି କାହାଣୀ ଅତ୍ୟନ୍ତ ଆକର୍ଷଣୀୟ। ୧୭ଶତାବ୍ଦୀରେ ନେପାଳର ରାଜା ପ୍ରତାପ ମଲ୍ଲଙ୍କ ଶାସନକାଳରେ ଏହାର ଆରମ୍ଭ । ପ୍ରେକ୍ଷାପଟ ହେଲା ଏପ୍ରକାର: ରାଜାଙ୍କ ଶିଶୁ ପୁତ୍ରର ଅକାଳ ନିଧନ ହେଲା । ରାଣୀ ଶୋକରେ ଭାଙ୍ଗି ପଡ଼ିଲେ । ଶୋକାତୁରା ରାଣୀଙ୍କୁ ଶାନ୍ତନା ଦେବା ପାଇଁ ରାଜା ଏକ ଉତ୍ସବ ଆୟୋଜନ କଲେ, ଯେଉଁଥିରେ ସାମ୍ପ୍ରତିକ ସମୟରେ ମୃତ୍ୟୁ ହୋଇଥିବା ପରିବାରର ଶୋକାକୁଳ ଲୋକେ ଏକ ଶୋଭାଯାତ୍ରାରେ ଅଂଶ ନେଇ ପାରିବେ। ଉଦ୍ଦେଶ୍ୟ ଥିଲା ରାଣୀଙ୍କୁ ଏକଥା ଦେଖାଇବା ଯେ ମୃତ୍ୟୁ ସମସ୍ତଙ୍କ ପରିବାରକୁ ସ୍ପର୍ଶ କରେ । ରାଣୀ କେବଳ ଏକୁଟିଆ ମୃତ୍ୟୁଜନିତ କଷ୍ଟ ପାଉନାହାନ୍ତି, ଅନ୍ୟ ଅନେକେ ବି ସମାନ ଭାବରେ କଷ୍ଟ ପାଉଛନ୍ତି । ଏ ଶୋଭାଯାତ୍ରାରେ ଗାଈମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେଲେ, ହିନ୍ଦୁ ଧର୍ମରେ ଗାଈକୁ ପବିତ୍ର ମାନାଯାଏ ଓ ବିଶ୍ୱାସ କରାଯାଏ ଯେ ଗାଈମାନେ ଆତ୍ମାଙ୍କୁ ପରଲୋକକୁ ନେଇଯିବାରେ ସାହାଯ୍ୟ କରନ୍ତି। ଶୋକାକୂଳ ପରିବେଶକୁ ଟିକେ ହାଲ୍କା କରିବାପାଇଁ ଏହି ଯାତ୍ରାରେ ଏହି ସମୟରୁ ଛୁଆମାନଙ୍କୁ ଗାଈ, ଦେବତା ଓ ପୌରାଣିକ ଚରିତ୍ର ଭାବେ ସାଜିବା ପରମ୍ପରା ଆରମ୍ଭ ହେଲା। 'ଜୀବନରେ କେବଳ ଶୋକ ନାହିଁନ୍ତ ହସ ମଧ୍ୟ ରହିଛିଦ - ଏ ବିଷୟଟିକୁ ରଖାଙ୍କିତ କରିବା ପାଇଁ ହାଲ୍କା ହାସ୍ୟରସାତ୍ମକ ନାଟ୍ୟ ପରିବେଷଣା ମଧ୍ୟ ଆରମ୍ଭ ହେଲା । ମୁଖ୍ୟତଃ କାଠମାଣ୍ଡୁ ଉପତ୍ୟକାରେ ନେୱାର ସମ୍ପ୍ରଦାୟର ଲୋକେ ଏହି ଉତ୍ସବ ପାଳନ କରୁଥିଲେ । ସମୟକ୍ରମରେ ଗାଈଯାତ୍ରା ନେପାଳର ଏକ ସାଂସ୍କୃତିକ ଉତ୍ସବରେ ପରିଣତ ହୋଇଛି, ଯାହା ନିକଟ ଅତୀତରେ ଦେହାନ୍ତ ହୋଇଥିବା ଆତ୍ମୀୟମାନଙ୍କୁ ସ୍ମରଣ କରିବ ସଙ୍ଗେ ସଙ୍ଗେ ସାମାଜିକ ବ୍ୟଙ୍ଗ ଓ ଆଲୋଚନା ପାଇଁ ଏକ ମଞ୍ଚ ପ୍ରଦାନ କରେ। ଏହି ଉତ୍ସବରେ ହାସ୍ୟ ନାଟକ, ହାସ୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଓ ବର୍ତ୍ତମାନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗକୁ ନେଇ ବ୍ୟଙ୍ଗ ଆଧାରିତ ପ୍ରଦର୍ଶନ ହୁଏ। ସମ୍ବାଦପତ୍ରପତ୍ରିକାମାନେ ଏହି ଉପଲକ୍ଷରେ ବିଶେଷ ହାସ୍ୟବ୍ୟଙ୍ଗ ସଂଖ୍ୟା ପ୍ରକାଶ କରନ୍ତି। ଏବର୍ଷ ନେପାଳରେ ଗାଈ ଯାତ୍ରା ଆରମ୍ଭ ହେଉଛି ୧୦ ଅଗଷ୍ଟରେ ।

ଫିଟନେସ ଡାଏଟ

ଗୌହର ଖାନ୍ ବି ଟାଉନ ସହିତ ଟେଲି ଦୁନିଆର ଜଣେ ଖୁବ ପପୁଲାର ସେଲିବ୍ରିଟି । ତାଙ୍କ ଫ୍ୟାନ ଫଲୋଇଂ ସବୁବେଳେ ଅଧିକ ରହିଥାଏ । ଗୌହରଙ୍କ ଫ୍ୟାନମାନେ ତାଙ୍କର ଫିଟନେସର ସବୁବେଳେ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥାଏ । ନିକଟରେ ସେ ନିଜର ଫିଟନେସ ଡାଏଟ୍ ସମସ୍ତଙ୍କ ସହିତ ସେୟାର କରିଛନ୍ତି । ମାତ୍ର ୧୦ ଦିନରେ ସେ ୧୦ କେଜି ଓଜନ କମାଇଥିବା କଥା କହିଛନ୍ତି, ତାହା ପୁଣି କୌଣସି ପ୍ରଫେସନାଲଙ୍କ ସାହାଯ୍ୟ ନ ନେଇ । କେବଳ ନିଜେ ଘରେ ରୁଟିନ୍ ଲାଇଫ ଫଲୋ କରି ସେ ଏହି ଓଜନ କମାଇଥିବା ପ୍ରକାଶ କରିଛନ୍ତି । ସେ କୌଣସି ଡାଏଟ୍ ଫଲୋ କରି ନଥିଲେ କିନ୍ତୁ କେବଳ ସାଲାଡ ଓ ସୁପ ବେଶି ପରିମାଣରେ ଖାଇଥିଲେ । ସେହିଭଳି ସେ କିଛି ଦିନ ଧରି ଆମିଷ ଛାଡିଥିଲେ, ବିଶେଷଭାବେ ମଟନ ଖିଆ ବନ୍ଦ କରିଥିଲେ । କାରଣ ମଟନରେ ଅଧିକ କ୍ୟାଲୋରୀ ରହିଥାଏ । ସେହିଭଳି ବିଭିନ୍ନ ଖାଦ୍ୟ ଦ୍ୱାରା ନିଜର କ୍ୟାଲୋରୀକୁ ସେ ନିୟନ୍ତ୍ରଣ କରିଥିଲେ । ଏହାସହ ବ୍ୟାୟାମ ତାଙ୍କୁ ସାହାଯ୍ୟ କରିଥିଲା ଓଜନ ନିୟନ୍ତ୍ରଣରେ । ତେବେ ସେ ବ୍ୟାୟାମ ପାଇଁ କୌଣସି ପ୍ରଫେସନାଲଙ୍କ ସାହାଯ୍ୟ ନେଇନଥିବା ପ୍ରକାଶ କରିଛନ୍ତି ।

ଟେଲି କଳାକାରଙ୍କୁ ଅଣଦେଖା

ନିକଟରେ ଘୋଷଣା ହୋଇଥିବା ଜାତୀୟ ଚଳିଚ୍ଚିତ୍ର ପୁରସ୍କାରରେ ଟେଲିଭିଜନ କଳାକାରଙ୍କୁ ଗୁରୁତ୍ୱ ଦିଆଯାଉନଥିବା ନେଇ ଟେଲି ଆକ୍ଟ୍ରେସ ରୁପାଲି ଗାଙ୍ଗୁଲି ଅଭିଯୋଗ ଆଣିଛନ୍ତି । କେତେବେଳେ ବି ଟିଭି ଅଭିନେତାଙ୍କର ଅଭିନୟକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ ବୋଲି ସେ ମତ ଦେଇଛନ୍ତି । ବର୍ତ୍ତମାନ ମନୋରଞ୍ଜନ ଇଣ୍ଡଷ୍ଟ୍ରୀର ବିଭିନ୍ନ କାଟାଗୋରୀ ପାଇଁ ଜାତୀୟ ପୁରସ୍କାର ଥିବାବେଳେ କେବଳ ଟେଲି ଭିଜନ ଅଭିନେତାଙ୍କ ପାଇଁ ଏପରି କୌଣସି ପୁରସ୍କାର ନାହିଁ । ରାଜ୍ୟ ସ୍ତରରେ ଥିବା ଆଞ୍ଚଳିକ ଫିଲ୍ମ ପାଇଁ ମଧ୍ୟ ଏହି ପୁରସ୍କାରର ବ୍ୟବସ୍ଥା ରହିଛି । ଆଜିକାଲି କଣ୍ଟେଣ୍ଟ କ୍ରିଏଟରଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଉଛି, ହେଲେ ଟିଭି କଳାକାରଙ୍କ ଅଭିନୟକୁ କେହି କେବେ ଗୁରୁତ୍ୱ ଦେଉନାହାନ୍ତି ବୋଲି ରୁପାଲି ମତ ଦେଇଛନ୍ତି । ତେବେ ବର୍ତ୍ତମାନ ବିଜେପି ନେତ୍ରୀ ସ୍ମୃତି ଇରାନୀ ପୁଣି ଟେଲିଭିଜନକୁ ଫେରିଥିବାରୁ ଏ ଦିଗରେ ଦୃଷ୍ଟି ଦେବେ ବୋଲି ରୁପାଲୀ ଆଶା ରଖିଛନ୍ତି । ସବୁଠାରୁ କଷ୍ଟ ଟେଲି କଳାକାରମାନେ କରିଥାଆନ୍ତି । ସେମାନଙ୍କ ପାଇଁ ସୁଟିଂ କରିବା ଖୁବ କଷ୍ଟ ହୋଇଥାଏ ତଥାପି ସେମାନେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସମସ୍ତ କଷ୍ଟ କରିଥାଆନ୍ତି , ହେଲେ ସେମାନଙ୍କୁ କୌଣସି ପ୍ରଶଂସା ମିଳିନଥାଏ ବୋଲି ରୁପାଲି ମତ ରଖିଛନ୍ତି ।

ନୂଆ ମୁହଁକୁ ନେଇ ଚର୍ଚ୍ଚା

ସନ୍ ସର୍ଦ୍ଦାର ୨ରେ ଏକ ନୂଆ ମୁହଁକୁ ନେଇ ବର୍ତ୍ତମାନ ଚାରିଆଡେ ଚର୍ଚ୍ଚା ଜୋର ଧରିଛି । ଏହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ରୋସନି ୱାଲିଆ । ସେ କେବଳ ଜଣେ ଅଭିନେତ୍ରୀ ନୁହନ୍ତି ବରଂ ଜଣେ ଖୁବ ପପୁଲାର ସୋସିଆଲ ମିଡିଆ ପର୍ସନାଲିଟି । ସାତବର୍ଷରୁ ସେ ନିଜର ଅଭିନୟ କ୍ୟାରିୟର ଆରମ୍ଭ ଜଣେ ଶିଶୁ କଳାକାର ଭାବେ କରିଥିଲେ । ତାଙ୍କୁ ୨୦୧୦ରେ ଏକ ଟିଭି ବିଜ୍ଞାପନରେ ପ୍ରଥମଥର ପାଇଁ ଦେଖିବାକୁ ମିଳିଥିଲା । ଏହାପରେ ତାଙ୍କୁ ୨୦୧୨ରେ ଟିଭି ସିରିଏଲ ମେ ଲକ୍ଷ୍ମୀ ତେରେ ଆଙ୍ଗନମେ ରେ ଦର୍ଶକ ଦେଖିଥିଲେ । ଏହାପରେ ଗୋଟିଏ ପରେ ଗୋଟିଏ ଟେଲି ଶୋରେ ଦର୍ଶକ ତାଙ୍କୁ ଦେଖିଥିଲେ ଓ ପସନ୍ଦ ମଧ୍ୟ କରିଥିଲେ । ଏହାସହିତ ତାଙ୍କୁ କିଛି ଫିଲ୍ମରେ ମଧ୍ୟ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ସେ ନିଜ ଫିଲ୍ମ ସନ୍ ଅଫ ସର୍ଦ୍ଦାର ୨କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଏଥିରେ ସେ ଅଜୟ ଦେବଗନ ଓ ମୃନାଳ ଠାକୁରଙ୍କ ସହିତ ସ୍କ୍ରିନ ସେୟାର କରିଛନ୍ତି ।

କମେଡି କରିବେ ସାରା

ସାରା ଅଲ୍ଲୀ ଖାନ୍ ସବୁବେଳେ ନିଜର ଭିନ୍ନ ପ୍ରକାର ଚରିତ୍ର ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ବିଭିନ୍ନ ଫିଲ୍ମରେ ତାଙ୍କୁ ଭିନ୍ନ ପ୍ରକାରର ଚରିତ୍ରରେ ଅଭିନୟ କରୁଥିବାର ଦେଖିବାକୁ ମିଳିଥାଏ । ସୂଚନା ଅନୁସାରେ ଖୁବଶୀଘ୍ର ସାରାଙ୍କର ଆଉ ଏକ ଭିନ୍ନ ଅବତାର ଦର୍ଶକ ଦେଖିବାକୁ ପାଇବେ । ସାରାଙ୍କୁ କମେଡି କରୁଥିବାର ଦର୍ଶକ ଦେଖିବେ । ସୂଚନା ଅନୁସାରେ ସାରା ଏକ କମେଡି ପ୍ରୋଜେକ୍ଟ ସାଇନ କରିଛନ୍ତି । ଏଥିରେ ସେ ଆୟୁଷ୍ମାନ ଖୁରାନାଙ୍କ ସହିତ ସ୍କ୍ରିନ ସେୟାର କରିବେ । ତେବେ ରିଅଲ ଲାଇଫରେ ସାରା ଖୁବ ମଜାଳିଆ ସ୍ୱଭାବର ତେଣୁ ସେ ଏହି ଚରିତ୍ରରେ ମଧ୍ୟ ଖୁବ ଭଲ ଅଭିନୟ କରିବେ ବୋଲି ଦର୍ଶକ ଆଶା ରଖିଛନ୍ତି । ସେହିଭଳି ସାରା ମଧ୍ୟ ନିଜର ଏହି ଅପକମିଂ ପ୍ରୋଜେକ୍ଟ ନେଇ ଖୁବ ଖୁସି ଥିବା ମତ ଦେଉଛନ୍ତି । କ୍ୟାରିୟରେ ବିଭିନ୍ନ ପ୍ରକାର ଚରିତ୍ରରେ ଅଭିନୟ କରିବାକୁ ଆଶା ରଖିଛନ୍ତି ସାରା । ଆଗକୁ ଆହୁରି ବିଭିନ୍ନ ପ୍ରକାର ଚରିତ୍ର ସେ ଦର୍ଶକଙ୍କୁ ଭେଟି ଦେବେ ବୋଲି ମତ ଦେଇଛନ୍ତି ।

ବିଗବସରେ ରତି

ଖୁବଶୀଘ୍ର ରିଆଲିଟି ଶୋ ବିଗବସ ଆରମ୍ଭ ହେବାକୁ ଯାଉଛି । ନୂଆ ସିଜିନ୍କୁ ନେଇ ଅଫିସିଆଲି ଘୋଷଣା ପରେ ଏହାର ପ୍ରତିଯୋଗୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଚର୍ଚ୍ଚାରେ ଅନେକଙ୍କ ନାଁ ସାମନାକୁ ଆସୁଛି ଯେଉଁମାନେ ଏଥିରେ ଭାଗନେବେ । ସେହି ନାଁରେ ବର୍ତ୍ତମାନ ଜଣେ ସେଲିବ୍ରିଟି ଯୋଡ଼ି ହୋଇଛନ୍ତି । ଏଥର ସିଜିନରେ ଦର୍ଶକ ପପୁଲାର ଟେଲି ଆକ୍ଟ୍ରେସ ରତି ପାଣ୍ଡେଙ୍କୁ ଦେଖିବାକୁ ପାଇବେ ବୋଲି ଆଲୋଚନା ହେଉଛି ।

କିଛି ସୁତ୍ର ଅନୁସାରେ ରତି ଏହି ଶୋ ପାଇଁ ନିର୍ଦ୍ଧିଷ୍ଟ ହୋଇ ସାରିଛନ୍ତି । ତେବେ ଏହି ଖବର ଜଣା ପଡିବା ପରେ ରତିଙ୍କ ଫ୍ୟାନଙ୍କ ମଧ୍ୟରେ ଖୁବ ଆଲୋଚନା ଜାରି ରହିଛି । ହେଲେ କିଛି ଗଣ ମାଧ୍ୟମରେ ଏହି ଖବର ମିଛ ବୋଲି ମଧ୍ୟ ଚର୍ଚ୍ଚା ଜାରି ରହିଛି, ଯାହା ରତିଙ୍କ ଫ୍ୟାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ତେବେ ଏନେଇ ଶୋ ଆରମ୍ଭ ହେଲେ ଜଣା ପଡିବ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି ।

ଟିକି ଫୁଲଟିଏ ମୁଁ

ଟିକି ଫୁଲଟିଏ ମୁଁ
ବଗିଚାରେ ମୋ ଘର
ସୂରୁଜକିରଣେ ଫୁଟି ଉଠି ହସେ
ସଭିଏଁ ମୋ ଆପଣାର ।।
ଟିକି ଫୁଲଟିଏ ମୁଁ
ଖିଲି ଖିଲି ହସୁଥାଏ
ସୁବାସରେ ମୋର ମହାକଇ ଧରା
ସବୁରି ଆଦର ପାଏ ।।
ଟିକି ଫୁଲଟିଏ ମୁଁ
ଯାଉଥାଏ ମନ୍ଦିର
ଟିକି ପ୍ରଜାପତି ଟିକି ମହୁମାଛି
ସମସ୍ତେ ମୋ ଆପଣାର ।।
ଟିକି ଫୁଲଟିଏ ମୁଁ
ଦେବ ମସ୍ତକରେ ଥାଏ
ଟିକି ଫୁଲଟିଏ ମୁଁ
ମୋର ମଧୁ ମଧୁପ ଯେ ପିଏ ।।
ଟିକି ଫୁଲଟିଏ ମୁଁ
ପବନରେ ଖେଳେ ଦୋଳି
ସୌନ୍ଦର୍ଯ୍ୟ ମୋର ମନ
ମୋହିନିଏ
କେହି ପାଦେ ଦିଅନ୍ତିନି ଦଳି ।।
ଟିକି ଫୁଲଟିଏ ମୁଁ
କ୍ଷଣେ ମୂର୍ଚ୍ଛି ଝରିଯାଏ
ଟିକି ଜୀବନର ମୂଲ୍ୟ ମୁଁ ବୁଝିଛି
ସଦା ଖୁସି ବାଣ୍ଟୁଥାଏ ।।
ଟିକି ଫୁଲଟିଏ ମୁଁ
କ୍ଷଣେ ଆୟୁଷେ ଦୁଃଖ ନଥାଏ
ଆନନ୍ଦରେ ହସି ଆନନ୍ଦରେ
ଖେଳି
ଭୂଇଁରେ ମୁଁ ଲୋଟିଯାଏ ।।

ରମାକାନ୍ତ ଦାସ
ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

ଭୋଦେଇ ଖରା

ବଇଶାଖ ଖରା ପରି ନୁହଁ ଟାଣ
ଉଜ୍ଜ୍ୱଳ ଦିଶଇ ସିଏ
ଶିରାବଣ ଗଲେ ତା'ର କରାମତି
ଧରାକୁ ଦେଖେଇ ଦିଏ ॥
ଶରତ ଆସଇ ଭାଦ୍ରବକୁ ନେଇ
ଚଉଦିଗ ଦିଶେ ସଫା
ଟିକେ ଚାଁ ଚାଁ ଲାଗୁଥାଏ ଖରା
କହନ୍ତି ଅହଲ୍ୟା ଅପା ॥
ଏଇବେଳେ ଆଇ କହେ ପେଡ଼ି ଲୁଗା
ଦିଅରେ ଖରାରେ ଦିଅ
ଜୀବାଣୁ ଫିବାଣୁ ସବୁ ମରିଯିବେ
ଏ କଥାକୁ ବୁଝିନିଅ ॥
ସବୁ ବର୍ଷ ଏଇ
କାମଟି ଆଇର
ଦେଖିଛି ମୁଁ ପିଲାଦିନୁ
ଏଇ କଥାଟିକୁ ଭାଇଙ୍କୁ ପଚାରି
ଦେଲା ଥରେ ଆମ ଚିନୁ ॥
ଭାଇ ତ କହିଲେ କଥାକୁ ଉଡେଇ
ଦେବାନି ପୁରୁଣା ଭାବି
ବିଜ୍ଞାନ ମତରେ କିଛି ସତ ଏହା
ତେଣୁ ଆଇ କରେ ଦାବି ॥
ଗଣ୍ଠିଲି ପେଟରା ଭିତରେ ସାଇତା
ଯେତେ ଆଇ ଦାମୀ ଶାଢ଼ି
ଆସିଗଲେ ସେଇ ଭୋଦେଇ ଖରାରେ
ତେଣୁ ଶୁଖାଏ ସେ କାଢ଼ି ॥

ନୀଳମଣି ଚାନ୍ଦ ଗୋଠପାଟଣା, ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

ବିଦ୍ୟା ଅଟଇ ମହାଧନ

ଯେତେ ବଡ଼ବଡ଼ ମହାନ ଚରିତ୍ର
ଥିଲେ ସବୁ ଆମ ଦେଶରେ
ଯାହାଙ୍କର ଛବି ଝୁଲା ହୋଇଅଛି
ଅଫିସ, ଇସ୍କୁଲ୍ କାନ୍ଥରେ
ସେମାନେ ସଭିଏଁ ବିଦ୍ୟା ଆହରଣ
କରିଥିଲେ ବିଦ୍ୟାଳୟରେ ॥୧॥
ସେଇ ଗୋଟେ ପାଠ ପଢ଼ାହୋଇଥିଲା
ଯାହା ପଢା ହୁଏ ସଭିଙ୍କୁ
ସବୁ ଏକାପରି ହୋଇ ପାରିଲେନି
ପ୍ରଭାବିତକଲା କେତେଙ୍କୁ
ଗୁଣ ଅନୁସରି ବଢ଼ିଗଲେ କେତେ
ନିଜ ଲକ୍ଷ୍ୟ ସ୍ଥଳ ଆଡ଼କୁ ॥୨॥
କିଏ ବନିଗଲା ବଡ଼ ଅଫିସର
କିଏ ବନିଗଲା ଡାକ୍ତର
କିଏ ହେଲା ଦେଶ ପ୍ରଧାନ ମନ୍ତିରୀ
କିଏ ହେଲେ ଯନ୍ତ୍ରୀ ଆମର
ଗୁଣ ଚିହ୍ନି ସବୁ ଗୁଣିଆ ହୋଇଲେ
ସବୁତ ବିଦ୍ୟାର ଆସର ॥୩॥
ସେଇଥି ପାଇଁତ କଥାରେ ରହିଛି
ବିଦ୍ୟାଟି ଅଟଇ ମହାଧନ
ପଢ଼ା ବେଳେ ତାକୁ ହେଳା ନ କରିଲେ
ଦେବ ସେ ଅନେକ ଉପାର୍ଜନ
ବିଦ୍ୟାବାନ ପିଲା ଫେରି ପାଇଥାଏ
ବଡ଼ ହେଲାପରେ ସୁଖ ଦିନ ॥୪॥

ମୋହନ କୁମାର ସ୍ୱାଇଁ
ବେଣାପୁର, କଣ୍ଟିଗଡିଆ,ଯାଜପୁର
ମୋ: ୮୧୧୮୦୯୯୦୩୮

ସକାଳ ହେଲେ

ସକାଳ ହେଲେ ବସାକୁ ଛାଡି
ପକ୍ଷୀ ଯାଆନ୍ତି ଉଡ଼ି
ପାଣି ଦିଶଇ ଚଅକ ମକ
କଅଁଳ ଖରା ପଡ଼ି ॥
ଛାତ ଉପରେ ଖାଇବା ପାଇଁ
ମାଆ ପକାଏ ବଡି
ମୀନତୀ ବସି ପାଠ ଲେଖୁଛି
ହାତରେ ଧରି ଖଡ଼ି ॥
ପାଖରେ ଥିବା ନାଲିଆ ପେଣ୍ଡୁ
ତଳକୁ ଗଲା ଗଡ଼ି
ଅଝଟ ହୋଇ କାନ୍ଦେ ମୀନତୀ
ଭେଏଁ ଭେଁ ଛାଡ଼ି ରଡ଼ି ॥
ଚାହୁଁ ଚାହୁଁକା ମାଡ଼ି ଆସିଲା
ଘୋର ବରଷା ଝଡ଼ି
ବଢ଼ି ପାଣିରେ ଦାଣ୍ଡ ମଇଳା
ଦୂରକୁ ନେଲା ତଡ଼ି ॥
ଦିନ ଆଠଟା ହେଲାଣି ଆସି
ସୂଚାଇ ଦେଲା ଘଡ଼ି
ବିଦ୍ୟାଳୟକୁ ଚାଲିଲେ ପିଲେ
ଶଗଡ଼ଗାଡ଼ିରେ ଚଢ଼ି ॥

ଜଗଦୀଶ ସାହୁ
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

ଧରାଳୀର ଦୁଃଖ

ବିଜ୍ଞାନ ବଳରେ ମଣିଷ ବଳିଆନ ହୋଇପାରେ, କିନ୍ତୁ ପ୍ରକୃତି ଆଗରେ ବେଳେ ବେଳେ ମଣିଷ ନାଚାର ହୋଇଯାଏ । ତା'ର ମତଗର୍ବ ମାଟିରେ ମିଶିଯାଏ । ପ୍ରକୃତି ଯଦି କୋପ କରେ କ୍ଷଣିକେ ସବୁକିଛି ଛାରଖାର କରିପାରେ । ଯାହା ଘଟିଛି ଉତ୍ତର କାଶୀର ଧରାଳୀ ଓ ହର୍ଷିଲ ଗ୍ରାମରେ...

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ଅଗଷ୍ଟ ୫ ତାରିଖରେ ସଂଗଠିତ ଭୟାନକ ବନ୍ୟା ଓ ଭୂସ୍ଖଳନ ଧରାଳୀ ଓ ହର୍ଷିଲ ଗାଁକୁ ମାଟିରେ ମିଶାଇ ଦେଇଛି । ମୂଷଳ ବର୍ଷା ଓ ଅଚାନକ ବନ୍ୟା ଘର, ବଙ୍ଗଳା, ପୁଲ୍, ରାସ୍ତା ସବୁକିଛି ବୋହିନେଇଥିବା ବେଳେ ପ୍ରାୟ ୪ ଜଣଙ୍କ ଜୀବନ ଯାଇଛି ଓ ଅନେକ ନିଖୋଜ ହୋଇଯାଇଛନ୍ତି । ରାଷ୍ଟ୍ରୀୟ ରିମୋଟ ସେନସିଂ ସେଣ୍ଟର (ଏନଆରଏସସି) ଓ ଇସ୍ରୋ ଭାରତର କାର୍ଟିସେଟ-୨ଏସ୍ ସାଟେଲାଇଟର ହାଇ-ରିଜୋଲେସନ ଫଟୋ ରିଲିଜ୍ ହେବା ପରେ ଉଦ୍ଧାର କାର୍ଯ୍ୟ ସହଜ ହୋଇଛି । ଏତି ମଧ୍ୟରେ ପ୍ରାୟ ୫୬୬ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ସାରିଥିବା ବେଳେ ଆହୁରି ୧୦୦ରୁ ୧୫୦ ଲୋକ ଫସିରହିଥିବା ଅନୁମାନ କରାଯାଉଛି । ତେବେ ଉଦ୍ଧାରକାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଆହୁରି ୩/୪ ଦିନ ଲାଗିପାରେ ବୋଲି କୁହାଯାଉଛି ।

ବନ୍ୟାରେ ଧରାଳୀର ୮୦ ଏକର ଜାଗାରେ ୨୦ରୁ ୫୦ ଫୁଟର ଆବର୍ଜନା ଜମିଯାଇଥିବା ବେଳେ ଏହାକୁ ହଟାଇବା କଷ୍ଟକର ହେଉଛି । ତେବେ ଏହା ତଳେ ଫସିରହିଥିବା ଲୋକଙ୍କୁ ଖୋଜିବା ପାଇଁ ହାଇଟେକ ଥର୍ମଲ ସେନସିଂ ଉପକରଣ ଓ ବଡ଼ ମେଶିନ ଦରକାର ପଡୁଥିବା ବେଳେ ରାସ୍ତା ନ ଥିବାରୁ ସେସବୁ ଆସିବା ସମ୍ଭବପର ହୋଇପାରୁ ନାହିଁ । ଉତ୍ତରକାଶୀରୁ ଗଙ୍ଗୋତ୍ରି ପର୍ଯ୍ୟନ୍ତ ଗୋଟିଏ ସଡ଼କ ଧରାଳୀ ଦେଇ ଯାଇଥିବା ବେଳେ ହର୍ଷିଲରୁ ଧରାଳୀ ପର୍ଯ୍ୟନ୍ ୩ କିଲୋମିଟର ସଡ଼କର ୩ରୁ ୪ ସ୍ଥାନରେ ୧୦୦ରୁ ୧୫୦ ମିଟର ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

ଏହି ଅଚାନକ ପ୍ରଳୟ ପାଣିପାଗ ବିଜ୍ଞାନୀଙ୍କୁ ଚକିତ କରିଛି । ସମୁଦ୍ର ପତନଠାରୁ ପ୍ରାୟ ୨, ୭୪୫ କିଲୋମିଟର ଉଚ୍ଚରେ ଥିବା ଧରାଳୀ ଗାଁ ଯେ କ୍ଷଣିକ ଭିତରେ ମାଟିରେ ମିଶିଯିବ ତାହା ବିଶ୍ୱାସ ହେଉନାହିଁ । ସରକାରୀ ସୂତ୍ରରୁ ବାଦଲ ଫାଟିବାରୁ ଏପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ସାଧାରଣତ ବାଦଲଫଟା ବର୍ଷା ଘଣ୍ଟାପ୍ରତି ୧୦୦ ମିଲିମିଟର ପର୍ଯ୍ୟନ୍ତ ହୋଇପାରେ, ମାତ୍ର କେଇ ସେକେଣ୍ଡରେ ଏତେ କ୍ଷିପ୍ର ବର୍ଷା ହେବାର ଏହା ପ୍ରଥମ ଘଟଣା ।

ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଚାହୁଁ ଚାହୁଁ ପାଣି, ମାଟି, ପଥର ପବନ ପରି ବହିଆସିଥିଲା । ଛୋଟଘର ପୋଛିନେଇଥିବା ବେଳେ ବଡ଼ ବିଲ୍ଡିଂକୁ ଟାଳିଦେଇଥିଲା । କିଛି ଅନେକ ମହିଳାରୁ ଜୀବନ ବିକଳରେ ଡେଇଁପଡ଼ିଥିଲା ତ କିଛି ସୁରକ୍ଷିତ ସ୍ଥାନ ସନ୍ଧାନ କରୁ କରୁ ଭାସିଯାଇଥିଲା । ସାଟେଲାଇଟ୍ ଚିତ୍ର ଅନୁସାରେ ବନ୍ୟା ପରେ ନଦୀର ରାସ୍ତା ପ୍ରସାରିତ ହୋଇଯାଇଥିବା ବେଳେ ଗାଁର ଢାଞ୍ଚା ବଦଳିଯାଇଛି । ଖୀରଗାଡ଼ ଓ ଭାଗୀରଥି ନଦୀର ମିଳନସ୍ଥଳ ଧରାଳୀ ଗାଁର ପ୍ରାୟ ୨୦ ହେକ୍ଟର (୭୫୦ ମିଟର /୪୫୦ ମିଟର) କ୍ଷେତ୍ର ମାଟି ଓ ବର୍ଜ୍ୟରେ ଭରିଯାଇଛି । ଅନେକ କୋଠା ପୂରା ଧ୍ୱଂସ ହୋଇଯାଇଛି କିମ୍ବା ମାଟିପ୍ରବାହରେ ପୋତି ହୋଇଯାଇଛି । ଧରାଳୀ ଗାଁର ଅନେକ ଘର ଉପରେ ମାଟି ଜମା ହୋଇଯାଇଛି ।

ଧରାଳୀ ବିପଦ ପରେ ଉତ୍ତରାଖଣ୍ଡ ସରକାର ବର୍ଷାକୁ ଦୃଷ୍ଟିରେ ରଖି ବଦ୍ରୀନାଥ ନାଥ ଧାମ ଯାତ୍ରା ପଞ୍ଜୀକରଣ ବନ୍ଦ କରିଦେଇଥିବା ବେଳେ କେଦାରନାଥ ଯାତ୍ରାକୁ ସ୍ଥଗିତ ରଖିଛନ୍ତି ସେହିପରି ମଧ୍ୟମହେଶ୍ୱର ଯାତ୍ରକୁ ମଧ୍ୟ ବନ୍ଦ କରାଯାଇଛି ।

ଶ୍ରୀଜଗନ୍ନାଥଙ୍କର ମନ୍ଦିରରେ ପ୍ରତିଦିନ ଠାକୁରଙ୍କର କୌଣସି ନା କୌଣସି ପର୍ବ ପାଳନ କରାଯାଇଥାଏ । ଯେଉଁଥିପାଇଁ ପ୍ରତି ସମୟରେ ମନ୍ଦିରରେ ଗହଳି ଚହଳି ଲାଗିଥାଏ । ସମସ୍ତ ସେବାୟତ ଠାକୁରଙ୍କର ଏହି ରୀତିନୀତିରେ ସାମିଲ ହେଉଥିବାର ଦେଖିବାକୁ ମିଳିଥାଏ ।

ବାର୍ଷିକ ପର୍ବ

ସପ୍ତପୁରୀ ଅମାବାସ୍ୟା

ଭାଦ୍ରବ ଅମାବାସ୍ୟା ଦିନ ସକାଳ ଧୂପ ସହ ସାତପୁରୀ ଭୋଗ ମଧ ଘଣ୍ଟ, ଶଙ୍ଖ, କାହାଳି ଆଦି ପଟୁଆର ସହ ରୋଷରୁ ପୋଖରିଆକୁ ଆସେ । ପଣ୍ଡା, ପତି, ମୁଦିରସ୍ତ ତିନିବାଡରେ ବନ୍ଦାପନା କରନ୍ତି ।

ଦାବାଗ୍ନି ଲୀଳା

ଭାଦ୍ର ଶୁକ୍ଳ ପ୍ରତିପଦା ଦିନ ସନ୍ଧ୍ୟା ଧୂପ ପରେ ମଦନମୋହନ ନାଟପା ମନ୍ଦିର ଖଟ ଉପରେ ବିଜେ କରିବେ ଓ ତାଙ୍କ ଛାମୁରେ ମାଟିମଣ୍ଡପ ସାହି ଲୋକ ଦାବାଗ୍ନିଲୀଳା କରନ୍ତି । ଶୀତଳ ଭୋଗ ପରେ ମଦନ ମୋହନଙ୍କ ବାହୁଡା ହୁଏ ।

ନିକୁଞ୍ଜ ଲୀଳା

ଭାଦ୍ରଶୁକ୍ଳ ଦ୍ୱିତୀୟା ଦିନ ସନ୍ଧ୍ୟା ଧୂପ ପରେ ମଦନମୋହନ ନାଟପା ମନ୍ଦିରରେ ବିଜେ ହେଲେ ହରଚଣ୍ଡୀ ସାହି ଲୋକ ନିକୁଞ୍ଜ ଲୀଳା କରନ୍ତି ।

ଅନ୍ଧ ମନ୍ଦିର ହାତୀ ଲୀଳା

ଭାଦ୍ର ଶୁକ୍ଳ ତୃତୀୟା ଦିନ ସନ୍ଧ୍ୟା ଆଳତୀ ବଢିଲା ପରେ ବାସେଳି ସାହି ଲୋକ ଦକ୍ଷିଣ ଘରୁ ରାମକୃଷ୍ଣ ଠାକୁର ଉତ୍ତକ ପାର୍ଶ୍ୱେ ଦକ୍ଷିଣ ଘର ଆଗେ କାଠ ସିଂହାସନରେ ବିଜେ କଲେ ବାସେଳି ସାହି ଲୋକ ଅନ୍ଧ ମନ୍ଦିର ହାତୀ ଲୀଳା କରନ୍ତି ।

ଶ୍ରୀଗଣେଷ ପୂଜା

ଭାଦ୍ର ଶୁକ୍ଳ ଚତୁର୍ଥୀରେ ଏହି ପୂଜା କରାଯାଇଥାଏ । ସନ୍ଧ୍ୟା ଧୂପ ସରିବା ପରେ ବଟଗଣେଷଙ୍କ ପାଖରେ ବନ୍ଦାପନା ହୋଇଥାଏ । ଏହାସହ ଶୀତଳ ଭୋଗ ମଧ ହୋଇଥାଏ । ସରସ୍ୱତୀ ମନ୍ଦିରରେ ମାଦଳା ପାଞ୍ଜି ପୂଜା ହୋଇଥାଏ । ବାଇଶଟି ନଡିଆ ମଧ ଭଙ୍ଗା ଯାଇଥାଏ ।

ଋଷି ପଞ୍ଚମୀ ବ୍ରତ

ଭାଦ୍ରଶୁକ୍ଳ, ପଞ୍ଚମୀରେ ଏହି ପୂଜା ହୁଏ । ମହାଲକ୍ଷ୍ମୀଙ୍କ ଠାରୁ ଆଜ୍ଞାମାଳ ପାଇ ସକାଳ ଧୂପ ପରେ ମାର୍କଣ୍ଡେଶ୍ୱର ପାଖକୁ ବିଜେ କରିବେ ।

ରାଧାଷ୍ଟମୀ

ଏହି ନୀତି ଭାଦ୍ର ଶୁକ୍ଳ ଅଷ୍ଟମୀରେ ହୁଏ । ସକାଳ ଧୂପ ପରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ଲକ୍ଷ୍ମୀ ଠାକୁରାଣୀ ଲକ୍ଷ୍ମୀ ଦେଉଳ ଖଟ ଉପରେ ବିଜେ ହେବେ । ଏହାପରେ ଯଥାବିଧି ରାଧାଷ୍ଟମୀ ବ୍ରତ ଅନୁଷ୍ଠିତ ହୁଏ ।

କୃଷ୍ଣ ଲୀଳା

ଏହି ନୀତି ଭାଦ୍ରବ ଶୁକ୍ଳ ଦଶମୀରେ ପାଳନ ହୋଇଥାଏ । ଏହା କୁଣ୍ଡେଇବେଣ୍ଟ ସାହିରେ ଲବଣୀଖିଆ ଠାରେ ଅନୁଷ୍ଠିତ ହୋଇଥାଏ । ଏହି ଦିନ ଠାକୁରଙ୍କର ଲବଣୀଖିଆ ଓ ମଥୁରାହାଟ ଭଳି ନୀତି ହୋଇଥାଏ ।

ପାର୍ଶ୍ୱ ପରିବର୍ତ୍ତନ

ଏହି ନୀତି ଭାଦ୍ରବ ଶୁକ୍ଳ ଏକାଦଶୀରେ ହୁଏ । ଦେବଶୟନ କରିଥିବା ସ୍ଥାନରେ ନାନାବିଧ ଉପଚାର ପରେ ପାର୍ଶ୍ୱପରିବର୍ତ୍ତନ କରାଯାଇଥା ।

ଅନନ୍ତ ଚତୁର୍ଦ୍ଦଶୀ

ଏହି ନୀତି ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଅନୁଷ୍ଠିତ ହୁଏ । ମୁକ୍ତି ମଣ୍ଡପ ନିକଟରେ ଥିବା ଅନନ୍ତଙ୍କ ପାଖରେ ଏହି ନୀତି ହୁଏ । ଏହାକୁ ପୂଜା ପଣ୍ଡା ସମାପନା କରିଥାଆନ୍ତି ।

ଇନ୍ଦ୍ର ଚନ୍ଦ୍ର ଗୋବିନ୍ଦ ଉପାସନା

ଏହି ନୀତି ଭାଦ୍ରବପୂର୍ଣ୍ଣମୀ ଦିନ ଅନୁଷ୍ଠିତ ହୋଇଥାଏ । ବଡଛତା ମଠ ପାଖରେ ଭିତରଚ୍ଛୁ ମହାପାତ୍ରେ ଏଠାରେ ଇନ୍ଦ୍ରେ, ଚନ୍ଦ୍ର ଗୋବିନ୍ଦଙ୍କୁ ବନ୍ଦାପନା କରନ୍ତି ।



ବୋକା କୁମ୍ଭୀର

ପିଲାଦିନର ଏଭଳି ଅନେକ ଗପ ଅଛି ଯାହା ଆଜି ବି ଆମକୁ ମନୋରଞ୍ଜନର ଖୋରାକ ଯୋଗାଇଥାଏ । ସେହି ଗପକୁ ଆଜି ବି ଆମେ ଆମ ପରବର୍ତ୍ତୀ ପିଢ଼ିକୁ ଶୁଣାଇଥାଉ । ସେହି ଗପର ତାଲିକା ଖୁବ ଲମ୍ବା, ସେଥିରୁ ଗୋଟିଏ ହେଲା କୁମ୍ଭୀର ମାଙ୍କଡ ଗପ ।

ପିଲାଦିନର ସ୍କୁଲ ଛୁଟି ଖୁବ ଆନନ୍ଦମୟ ହେଉଥିଲା । ସ୍କୁଲ ଛୁଟି ଆରମ୍ଭ ହେବା ମାତ୍ରେ ସମସ୍ତେ ନିଜନିଜ ଅଜା ଆଇ କିମ୍ବା ବାପା ମାଆଙ୍କ ପାଖେ ବସି ପଡୁଥିଲେ ଭଳିକି ଭଳି ଗପ ଶୁଣିବାକୁ । ଭୁତ, ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ନୀତିଶିଖା ଓ ମଜାଳିଆ ଗପର ସୁଅ ଛୁଟୁଥିବାର ଦେଖିବାକୁ ମିଳୁଥିଲା । ଏହି ଗପର ସମସ୍ତେ ମଜା ଉଠାଉଥିଲେ, ଛୁଟି ଖୁବ ଆନନ୍ଦରେ କଟି ଯାଉଥିଲା । ତେବେ ଏହି ତାଲିକାରେ ରହିଥିବା ମାଙ୍କଡ କୁମ୍ଭୀର ଗପଟି ଖୁବ ମଜାଦାର ସହିତ ଶୀକ୍ଷଣିୟ ମଧ୍ୟ । କିଭଳି ଜୀବନରେ କେବେ ବି ଶତ୍ରୁ ଉପରେ ଭରସା କରିବ ନାହିଁ ଏବଂ ଉପସ୍ଥିତି ବୁଦ୍ଧି ସବୁବେଳେ ଆବଶ୍ୟକ ହୋଇଥାଏ ତାହା ଏଥିରେ ବୁଝାଯାଇଛି ।

ଏକଦା ଗୋଟିଏ ନଦୀରେ କୁମ୍ଭୀରଟିଏ ବାସ କରୁଥାଏ ଏବଂ ତାହାରି କୂଳରେ ଗୋଟିଏ ଜାମୁ କୋଳି ଗଛ ରହିଥାଏ । ସେହି କୋଳି ଗଛରେ ଗୋଟିଏ ମାଙ୍କଡ ରହିଥାଏ । ମାଙ୍କଡ ଓ କୁମ୍ଭୀର ଶତ୍ରୁ ବୋଲି ସାରା ଜଗତ ଜାଣିଛି, ହେଲେ ଏଠାରେ କିଛି ବ୍ୟତିକ୍ରମ ଦେଖିବାକୁ ମିଳେ । ଗଛରେ ଥିବା ମାଙ୍କଡଟି ଖୁବ ଶାନ୍ତ ସରଳ । ତାକୁ ଏକୁଟିଆ ଗଛରେ ରହିବାକୁ ଭଲ ଲାଗିନଥାଏ । ତେଣୁ ସେ ବେଳେବେଳେ ମାଙ୍କଡ ସହିତ କଥା ବାର୍ତ୍ତା ହୋଇଥାଏ । ଏହାସହ ସେ ମାଙ୍କଡକୁ ସବୁବେଳେ କୋଳି ମଧ୍ୟ ଖାଇବାକୁ ଦେଇଥାଏ । ତେବେ ଗୋଟିଏ ଥର ମାଙ୍କଡ ଦେଇଥିବା କୋଳିକୁ ନେଇ କୁମ୍ଭୀର ନିଜ ଘରକୁ ଗଲା । ସେଠାରେ ତାର ସ୍ତ୍ରୀ ଏହି ଜାମୁ କୋଳି ଖାଇ ବେଶ୍ ଖୁସି ହୋଇଥିଲା । କୋଳିର ସ୍ୱାଦ ତାକୁ ଖୁବ ପସନ୍ଦ ଆସିଥିଲା । ସେ ଜାଣିବାକୁ ପାଇଲା ମାଙ୍କଡ ସବୁଦିନ ଏହି କୋଳି ଖାଉଛି, ତେଣୁ ସେ ଭାବିଲା ତେବେ ମାଙ୍କଡର କଲିଜା କେଡେ ସୁଆଦ ହୋଇ ନଥିବ । ସେଥିଲାଗି ସେ ସ୍ୱାମୀକୁ କହିଲା ମାଙ୍କଡକୁ ତାଙ୍କ ଘରକୁ ଆଣିବାକୁ, ଯାହା ପରେ ସେ ତାକୁ ମାରି ତାର କଲିଜା ଖାଇପାରିବ । ଏହାପରେ ମାଙ୍କଡକୁ କୁମ୍ଭୀର ତାର ଘରକୁ ଯିବାକୁ ନିମନ୍ତ୍ରଣ ଦେଲା, ନିମନ୍ତ୍ରଣ ରକ୍ଷା କରି ସରଳ ମାଙ୍କଡ କୁମ୍ଭୀର ପିଠିରେ ବସି ତାର ଘରକୁ ଯିବା ପାଇଁ ବାହାରି ମଧ୍ୟ ଗଲା । ହେଲେ ବାଟରେ କୁମ୍ଭୀର କହିଲା ମୋ ସ୍ତ୍ରୀ ତୁମ କଲିଜା ଖାଇବାକୁ ମନ କରିଛି ତେଣୁ ମୁଣ ତୁମକୁ ନେଉଛି, ତାହା କିପରି ଦେଖିବାକୁ । ଏକଥା ଶୁଣି ମାଙ୍କଡର ଅକଲ ଗୁଡୁମ, ହେଲେ ସେ ଜାଣି ପାରିଲା କୁମ୍ଭୀରକୁ କଲିଜା ସମ୍ପର୍କରେ କୌଣସି କଥା ଜଣାନାହିଁ । ତେଣୁ ସେ ଉପସ୍ଥିତ ବୁଦ୍ଧି ଲଗାଇ କହିଲା ତୁମେ ମୋତେ ଆଗରୁ ଏକଥା କହିଲନି ମୁଁ ସାଙ୍ଗରେ ଆଣିଥାଆନ୍ତି । କଲିଜା ତ ଗଛରେ ରହିଗଲା । ଏହାପରେ କୁମ୍ଭୀର ପୁଣି ମାଙ୍କଡକୁ ଧରି କୂଳକୁ ଫେରିଲା । କୂଳରେ ପହଞ୍ଚିବାପରେ ମାଙ୍କଡ଼ ଗଛ ଉପରକୁ ଡିଆଁ ମାରି ଚାଲିଗଲା । ଗଛରେ ବସିବା ପରେ ସେ କୁମ୍ଭୀରକୁ କହିଲା ତୋତେ ସାଙ୍ଗ ହିସାବରେ ବିଶ୍ୱାସ କରିବା ମୋର ବଡ ଭୁଲ । ଶତ୍ରୁ ସବୁବେଳେ ଜୀବନସାରା ଶତ୍ରୁ ହିଁ ରହିବ ।

ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମଠାରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା ଆୟୋଜନ ହେବ । ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଆୟୋଜନ ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିସାରିଛନ୍ତି ।

ଓଡ଼ିଶା ଆସିବେ ୧୯ ଦେଶରୁ ୨୦୦ କ୍ରୀଡାବିତ

କଳିଙ୍ଗ ଷ୍ଟାଡ଼ିୟମଠାରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା ଆୟୋଜନ ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ହୋଇଥି ବା ପ୍ରସ୍ତୁତି ସମୀକ୍ଷାରେ ଆଥଲେଟିକ୍ସ ଫେଡ଼େରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବାଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ । ଷ୍ଟାଡ଼ିୟମରେ ପ୍ରତିଯୋଗିତା ଆୟୋଜନ ହେଉଥିବାବେଳେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୁଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ । ଓଡ଼ିଶାରେ ପ୍ରଥମ ଥର ପାଇଁ 'ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍'ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଓଡ଼ିଶାର କ୍ରୀଡ଼ାବିତମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି । ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ଆଉ ୫ ବର୍ଷ ଖେଳିବାକୁ ଇଚ୍ଛା

ଚଳିତ ବର୍ଷର ଇଣ୍ଡିଆନ୍ ପ୍ରିମିୟର ଲିଗରେ ଚେନ୍ନାଇ ସୁପର କିଙ୍ଗ୍ସର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା । ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଅଧିନାୟକତ୍ୱ ଥିବା ସତ୍ତ୍ୱେ ଏହି ଦଳ ବହୁତ ଖରାପ ପ୍ରଦର୍ଶନ କରିଥିଲା ଏବଂ ପଏଣ୍ଟ ଟେବୁଲର ସବୁଠାରୁ ତଳେ ଥିଲା । ଏପରିକି ଧୋନୀଙ୍କ ପ୍ରଦର୍ଶନ ବି ଖରାପ ଥିଲା । ଏହା ପରେ, ଆଇପିଏଲରୁ ଧୋନୀଙ୍କ ଅବସରକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା, କିନ୍ତୁ ଏକ ସାକ୍ଷାତକାର ସମୟରେ ସେ ଏପରି ଏକ ଖୁଲାସା କରିଛନ୍ତି, ଯାହା କ୍ରିକେଟ୍ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି । ଧୋନୀ ଆହୁରି ପାଞ୍ଚ ବର୍ଷ ଖେଳିବା ଲାଗି ନିଜର ଇଚ୍ଛା ଥିବା କହିଥିଲେ, କିନ୍ତୁ ଏହା ସହିତ ସେ କହିଥିଲେ ଯେ ଏଥିପାଇଁ ଫିଟନେସ ରହିବା ବଡ଼ ପ୍ରଶ୍ନ । ଚେନ୍ନାଇରେ ଏକ କାର୍ଯ୍ୟକ୍ରମ ସମୟରେ, ମହେନ୍ଦ୍ର ସିଂହ ଧୋନିଙ୍କୁ ଆଇପିଏଲ ୨୦୨୬ରେ ଖେଳିବା ବିଷୟରେ ପ୍ରଶ୍ନ ପଚରାଯାଇଥିଲା । ଏଥିରେ ସେ କହିଥିଲେ, ମୋତେ ଆଗାମୀ ୫ ବର୍ଷ ପାଇଁ କ୍ରିକେଟ୍ ଖେଳିବାକୁ ଅନୁମତି ମିଳିଛି, କିନ୍ତୁ ଡାକ୍ତର କେବଳ ଦୃଷ୍ଟିଶକ୍ତି ପାଇଁ ଅନୁମତି ଦେଇଛନ୍ତି, ମୋ ଶରୀର ପାଇଁ ନୁହେଁ । ଏପରି ପରିସ୍ଥିତିରେ, ମୁଁ କେବଳ ମୋ ଆଖିକୁ ନେଇ କ୍ରିକେଟ୍ ଖେଳିପାରିବି ନାହିଁ । ଅର୍ଥାତ ଧୋନୀ ପରୋକ୍ଷରେ ସୂଚାଇ ଦେଇଛନ୍ତି ଯେ ସେ ଆଇପିଏଲ ଖେଳିବାକୁ ଇଚ୍ଛୁକ ଥିଲେ ବି ଏହି ବୟସରେ ଫିଟନେସ ରକ୍ଷା କରିବା ସହଜ ନୁହେଁ ।

ଆତ୍ମହତ୍ୟା କରିଥାନ୍ତେ ଚହଲ

କିଛି ଦିନ ପୂର୍ବରୁ କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ କ୍ରିକେଟର ଯୁଜଭେନ୍ଦ୍ର ଚହଲଙ୍କ ମଧ୍ୟରେ ଛାଡପତ୍ର ହୋଇଥିଲା । ଏବେ ଚହଲ ଏ ସମ୍ପର୍କରେ ନୀରବତା ଭାଙ୍ଗିଛନ୍ତି । ରାଜ ଶାମନିଙ୍କ ପୋଡକାଷ୍ଟରେ ଯୁଜଭେନ୍ଦ୍ର ଚହଲ ପ୍ରକାଶ କରିଥିଲେ ଯେ ଧନଶ୍ରୀଙ୍କ ସହ ତାଙ୍କର ବିଚ୍ଛେଦ ହଠାତ୍ ନୁହେଁ, ବରଂ ଏହା ଲମ୍ବା ବ୍ୟକ୍ତିଗତ ପ୍ରକ୍ରିୟା ଥିଲା । ଆମେ ନିଷ୍ପତ୍ତି ନେଇଥିଲୁ ଯେ ପର୍ଯ୍ୟନ୍ତ ଶେଷ ପର୍ଯ୍ୟନ୍ତ ପହଞ୍ଚିବୁ ନାହିଁ, ସୋସିଆଲ ମିଡିଆରେ ସାଧାରଣ ଦମ୍ପତି ପରି ବଞ୍ଚିବୁ । ଚହଲ କହିଛନ୍ତି ଛାଡପତ୍ର ପରେ ମୋତେ ପ୍ରତାରକ ଭାବରେ ପ୍ରଚାର କରାଯାଇଥିଲା । ମୁଁ ମୋ ଜୀବନରେ କେବେ ଠକି ନାହିଁ । ମୁଁ ଜଣେ ବିଶ୍ୱସ୍ତ ବ୍ୟକ୍ତି । ମୁଁ ମୋ ଲୋକଙ୍କ ବିଷୟରେ ବହୁତ ଚିନ୍ତା କରେ । ଚହଲ କହିଥିଲେ ଯେ ତାଙ୍କୁ ସବୁଠାରୁ ଅଧିକ କଷ୍ଟ ଦେଉଥିବା କଥା ହେଉଛି ଲୋକମାନେ ସମ୍ପୂର୍ଣ୍ଣ କାହାଣୀ ନଜାଣି ସିଦ୍ଧାନ୍ତରେ ପହଞ୍ଚିଗଲେ । ପରିସ୍ଥିତି ଏପରି ହୋଇଥି ଲା ଏକଦା ଆତ୍ମହତ୍ୟା କଥା ମନକୁଆସିଥି ଲା ବୋଲି ଚହଲ କହିଛନ୍ତି । ସେ ଆହୁରି କହିଛନ୍ତି, ମୋତେ ଯାହା କଷ୍ଟ ଦେଉଛି ତାହା ହେଉଛି ଯେ ଲୋକମାନେ କ'ଣ ଘଟିଛି ନ ଜାଣି ମୋତେ ଦୋଷ ଦେଉଛନ୍ତି ।



ଭଙ୍ଗା ଗୋଡ଼କୁ ଭଙ୍ଗା ହାତ

ଭାରତ-ଇଂଲଣ୍ଡ ମାଞ୍ଚେଷ୍ଟର ଟେଷ୍ଟରେ ୱିକେଟରକ୍ଷକ ରିଷଭ ପନ୍ତ ଭଙ୍ଗା ପାଦରେ ବ୍ୟାଟିଂକୁ ଆସି ଦେଶ ପାଇଁ ଲଢ଼ିଥିଲେ । ସେହିଭଳି ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ଓକ୍ସ ଆହତ ହୋଇ ମଧ୍ୟ ମହାନତା ଦେଖାଇଥିଲେ । ଏହି ଟେଷ୍ଟର ପ୍ରଥମ ଦିନରେ ଫିଲ୍ଡିଂ କରୁଥିଲା ବେଳେ ଡାଇଭ୍ ମାରି ବାଉଣ୍ଡରି ନିକଟରେ ବଲ୍ ଅଟକାଇଲା ବେଳେ ତାଙ୍କ କାନ୍ଧହାଡ଼ ଖସିଯାଇଥିଲା । ଫଳରେ ସେ ଆଉ ପଡ଼ିଆକୁ ଆସି ନଥିଲେ । ଏପରିକି ପ୍ରଥମ ପାଳିରେ ସେ ବ୍ୟାଟିଂ ମଧ କରି ନଥିଲେ । ହେଲେ ଦ୍ୱିତୀୟ ପାଳିରେ ଦଳକୁ ବିଜୟ ପାଇଁ ୧୭ ରନ୍ ଆବଶ୍ୟକ ଥିଲା ବେଳେ ୯ ୱିକେଟ୍ ଝଡ଼ି ଯାଇଥିଲା । ତେଣୁ ଦଳକୁ ବିଜୟ ଦେବା ଆଶାରେ ସେ ଗୋଟିଏ ହାତବନ୍ଧା ଅବସ୍ଥାରେ ପଡ଼ିଆକୁ ଆସିଥିଲେ । ଏପରିକି ସେ ଦଶମ ୱିକେଟରେ ଗସ୍ ଆଟକିନସନ୍ଙ୍କ ସହ ୧୦ ରନ୍ ଭାଗୀଦାରି କରି ଦଳକୁ ବିଜୟ ନିକଟତର କରିଥିଲେ । ଆଟକିନସନ୍ ତାଙ୍କୁ ଗୋଟିଏ ବି ବଲ୍ ସମ୍ମୁଖୀନ ହେବା ପରିସ୍ଥିତି ସୃଷ୍ଟି କରିନଥିଲେ । ହେଲେ ମହମ୍ମଦ ସିରାଜଙ୍କ ବଲରେ ଆଟକିନସନ୍ ବୋଲ୍ଡ ହୋଇଯିବାରୁ ଭାରତ ୬ ରନରେ ବିଜୟୀ ହୋଇଥିଲା । ଏହା ପୂର୍ବରୁ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତୀୟ ୱିକେଟରକ୍ଷକ ବ୍ୟାଟର୍ ଋଷଭ ପନ୍ତ ଗୁରୁତର ଆହତ ହୋଇଥିଲେ । କ୍ରିସ୍ ଓକ୍ସଙ୍କ ବଲ୍ ତାଙ୍କ ପାଦରେ ବାଜି ଫାଟିଯାଇଥିଲା । ଏହା ପରେ ପନ୍ତ ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ୍ ଫେରିଯାଇଥିଲେ । କିନ୍ତୁ, ୱିକେଟରକ୍ଷଣ କରି ନଥିଲେ ମଧ୍ୟ ଯେତେବେଳେ ଦଳକୁ ତାଙ୍କର ଆବଶ୍ୟକତା ଥିଲା, ସେହି ଭଙ୍ଗାପାଦରେ ସେ ବ୍ୟାଟିଂ କରିବାକୁ ଆସିଥିଲେ । ଦ୍ୱିତୀୟ ପାଳିରେ ଗିଲ୍, ଜାଡ଼େଜା, ସୁନ୍ଦର ଶତକ ମାରି ଭାରତକୁ ଡ୍ର' ରଖିବାରୁ ପନ୍ତଙ୍କ ବ୍ୟାଟିଂର ଆବଶ୍ୟକତା ପଡ଼ିନଥିଲା ।

ଦିଶା ସବୁବେଳେ ନିଜର ବୋଲ୍ଡନେସ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ତାଙ୍କର ଡ୍ୟାନ୍ସ ଭିଡିଓ ସବୁବେଳେ ଖୁବ ଭାଇରାଲ ହୋଇଥାଏ । ନିଜ ଡ୍ୟାନ୍ସ ମୁଭରେ ସେ ଦର୍ଶକଙ୍କ ମନକୁ ସବୁବେଳେ ଜିତିଥାଆନ୍ତି । ସେହିଭଳି ଏକ ଭିଡିଓକୁ ନେଇ ଦର୍ଶକ ତାଙ୍କୁ ଡ୍ୟାନ୍ସ କୁଇନର ଆଖ୍ୟା ଦେଇଛନ୍ତି ।

ଡ୍ୟାନ୍ସ କୁଇନ୍

ନିକଟରେ ଦିଶା ନିଜର ଡ୍ୟାନ୍ସ ଟିଚରଙ୍କ ସହିତ ଏକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି । ଯେଉଁଥିରେ ସେ ଖୁବ ଭଲଭଲ ଡ୍ୟାନ୍ସ ଷ୍ଟେପ କରୁଥିବାର ଦେଖିବାକୁ ମିଳୁଛି, ଦର୍ଶକ ଭିଡିଓକୁ ଖୁବ ପସନ୍ଦ କରୁଥିବା ମଧ୍ୟ ଦେଖିବାକୁ ମିଳୁଛି । ୨୦୧୫ରେ ଦିଶା ଏକ ତେଲୁଗୁ ଫିଲ୍ମ ଜରିଆରେ ଅଭିନୟ ଜଗତରେ ପ୍ରବେଶ କରିଥିଲେ । ଏହାପରେ ସେ ଏକ ହିନ୍ଦୀ ଗୀତରେ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ଅଭିନୟ କରିଥିଲେ ଏବଂ ସେହିବର୍ଷ ଏମ୍. ଏସ୍. ଧୋନି- ଦ ଅନଟୋଲ୍ଡ ଷ୍ଟୋରୀ ଜରିଆରେ ହିନ୍ଦୀ କଥାଚିତ୍ର ଜଗତରେ ପ୍ରବେଶ କରିଥିଲେ । ୨୦୧୭ରେ ଦିଶା ଅଭିନେତା ସୋନୁ ସୁଦ ଏବଂ ଜ୍ୟାକି ଚାନ୍‌ଙ୍କ ସହ ଏକ ଇଂରାଜୀ, ଚାଇନିଜ୍ ଏବଂ ତେଲୁଗୁ ଭାଷାରେ ମୁକ୍ତିଲାଭ କରିଥିବା କୁଙ୍ଗ୍ ଫୁ ଯୋଗରେ ଅଭିନୟ କରିଥିଲେ । କ୍ୟାରିୟର ଆରମ୍ଭରୁ ୨୦୧୫ରେ ଦିଶା କ୍ୟାଡୋବରି ଡେରୀ ମିଲ୍କ ଚକୋଲେଟର ଏକ ବିଜ୍ଞାପନରେ ଅଭିନୟ କରିଥିଲେ, ଯେଉଁଥିପାଇଁ ସେ ଅଧିକ ଲୋକପ୍ରିୟ ହୋଇଥିଲେ । ୨୦୧୫ରେ ଦିଶାଙ୍କୁ ତେଲୁଗୁ ଫିଲ୍ମ ନିର୍ଦ୍ଦେଶକ ଲୋଫର୍ ଚଳଚ୍ଚିତ୍ରରେ ନାୟିକା ଭାବରେ ପ୍ରଥମ ସୁଯୋଗ ଦେଇଥିଲେ । ଏହାପରେ ୨୦୧୬ରେ ଦିଶା ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ହିନ୍ଦୀ ଆଲବମ୍ ଗୀତ ବେଫିକରରେ ଅଭିନୟ କରିଥିଲେ । ୨୦୧୬ରେ ଦିଶାଙ୍କୁ ଭାରତୀୟ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଜିବନୀ ଉପରେ ଆଧାରିତ ଫିଲ୍ମ ଏମ୍. ଏସ୍. ଧୋନି- ଦ ଅନଟୋଲ୍ଡ ଷ୍ଟୋରୀରେ ନାୟିକା ଭାବରେ ଦେଖିବାକୁ ମିଳିଥିଲା । ଏହାପରେ ସେ ଓସ୍କାର ବିଜେତା ଅଭିନେତା ଜ୍ୟାକି ଚାନ୍‌ଙ୍କ ହଲିଉଡ୍ ଚଳଚ୍ଚିତ୍ର କୁଙ୍ଗ୍ ଫୁରେ ଅଭିନୟ କରିବାର ସୁଯୋଗ ପାଇଥିଲେ । ଫେବୃଆରୀ ୨୦୧୭ରେ ଏହି ଚଳଚ୍ଚିତ୍ରଟି ମୁକ୍ତିଲାଭ କରିଥିଲା । ଏହି ଚଳଚ୍ଚିତ୍ରରେ ଭାରତୀୟ ଅଭିନେତା ସୋନୁ ସୁଦ୍ ମଧ୍ୟ ଅଭିନୟ କରିଥିଲେ । ଭାରତର ଯୋଗ ଏବଂ ଚାଇନାର କୁଙ୍ଗ୍ ଫୁକୁ ନେଇ ନିର୍ମାଣ ହୋଇଥିବା ଏହି ଚଳଚ୍ଚିତ୍ରଟି ଇଂରାଜୀ ଭାଷା ସମେତ ହିନ୍ଦୀ ଏବଂ ଚାଇନିଜ୍ ରେ ମଧ୍ୟ ମୁକ୍ତିଲାଭ କରିଥିଲା । ଏହାପରେ ତାଙ୍କୁ ବାଗି ର ସିରିଜ, ଭାରତ, ମଲଙ୍ଗ, ରାଧେ, ଏକଭିଲେନ୍ ରିଟର୍ଣ୍ଣ, ଯୋଦ୍ଧା, କଲକି ଭଳି ସୁପରହିଟ୍ ଫିଲ୍ମରେ ଦେଖିବାକୁ ମିଳିଥିଲା । ଏହି ସମସ୍ତ ଅଭିନୟରେ ସେ ଦର୍ଶକଙ୍କ ବେଶ ମନୋରଞ୍ଜନ କରିଥିଲେ । ତାଙ୍କୁ ବଡପରଦାରେ ଦେଖିବାକୁ ଆଜି ବି ଦର୍ଶକ ଅପେକ୍ଷା କରି ରହିଥାଆନ୍ତି । ତାଙ୍କ ନିଖୁଣ ଅଭିନୟ ଓ ଡ୍ୟାନ୍ସର ସମସ୍ତେ ଦିବାନା । ସମସ୍ତେ ତାଙ୍କ ନୃତ୍ୟକୁ ଖୁବ ଭଲପାଇବା ଦେଇଥାଆନ୍ତି । ଡ୍ୟାନ୍ସରେ ଯୁବପିଢିଙ୍କର ସେ ହେଉଛନ୍ତି ରୋଲମଡେଲ । ସେହିଭଳି ନିଜର ସମସ୍ତ ଚରିତ୍ରକୁ ଖୁବ ଭଲ ପାଇଥାଆନ୍ତି ଦିଶା । ଛୋଟ ହେଉ କି ବଡ ସମସ୍ତ ଚରିତ୍ରରେ ସେ ଖୁବ ଉତ୍ସାହର ସହିତ ଅଭିନୟ କରିବା ସହିତ ଦର୍ଶକଙ୍କ ମନୋରଞ୍ଜନ ଉପରେ ଧ୍ୟାନ ଦେଇଥାଆନ୍ତି ।